ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖାଯାଇ ବୁଧବାର ଅପରାହ୍ନ ୪ଟାରେ ଦେଶବ୍ୟାପୀ ସିଭିଲ୍ ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍‌ଡ୍ରିଲ୍ କରାଯିବ। ଓଡ଼ିଶାରେ ୧୨ଟି ଜିଲା ସମ୍ବେଦନଶୀଳ ତାଲିକାଭୁକ୍ତ ହୋଇଥିବାବେଳେ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହି ଜିଲାଗୁଡ଼ିକ ହେଲା ଅନୁଗୋଳ (ତାଳଚେର), ଖୋର୍ଦ୍ଧା(ଭୁବନେଶ୍ୱର), ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଗଞ୍ଜାମ, ଜଗତ୍‌ସିଂହପୁର(ପାରାଦୀପ), ଢେଙ୍କାନାଳ, ପୁରୀ, କୋରାପୁଟ ଏବଂ ସୁନ୍ଦରଗଡ଼ (ରାଉରକେଲା)। ପ୍ରଥମ ବର୍ଗରେ ତାଳଚେର ରଖାଯାଇଥିବାବେଳେ ଦ୍ୱିତୀୟ ବର୍ଗରେ ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ, ରାଉରକେଲା ଏବଂ ତୃତୀୟ ବର୍ଗରେ ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂପୁର, କେନ୍ଦ୍ରାପଡ଼ାକୁ ରଖାଯାଇଛି। ଶତ୍ରୁ ଆକ୍ରମଣ ବେଳେ କେମିତି ସାଧାରଣ ଲୋକେ ନିଜକୁ ସୁରକ୍ଷିତ ରଖିବେ, ଆକ୍ରମଣ ବେଳେ କେଉଁ ନିରାପଦ ସ୍ଥାନକୁ ଯିବେ, ଯୁଦ୍ଧ ପରର କ୍ଷୟକ୍ଷତି ଉଦ୍ଧାର କେମିତି ହେବ ଆଦିକୁ ନେଇ ମକ୍‌ଡ୍ରିଲ୍ କରାଯିବା ସହ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯିବ। ୧୨ଟି ଜିଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଓ ଅନ୍ୟାନ୍ୟ ସ୍ଥାନରେ ମକ୍‌ଡ୍ରିଲ୍‌ର ବ୍ୟବସ୍ଥା ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ରାଜ୍ୟଗୁଡ଼ିକ ସହ ମକ୍‌ଡ୍ରିଲ୍ ପରିଚାଳନା ସମ୍ପର୍କିତ ବୈଠକ କରିଥିଲେ। ଏପଟେ ଜିଲାପାଳମାନଙ୍କ ସହ ଭର୍ଚୁଆଲ୍ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରି କହିଥିଲେ, ଏହି ପ୍ରସ୍ତୁତି ୭ ତାରିଖରୁ ଆରମ୍ଭହୋଇ ସପ୍ତାହ ଯାଏ ଚାଲିବ। ୭ ତାରିଖର ପ୍ରସ୍ତୁତି ନିର୍ଦ୍ଦିଷ୍ଟ ସହରାଞ୍ଚଳ ଓ ଉପକୂଳାଞ୍ଚଳରେ କରାଯିବ। ଶତ୍ରୁ ବିମାନ ଆକ୍ରମଣ କଲେ ସାଇରନ୍ ବଜାଇ ଲୋକଙ୍କୁ ସତର୍କ କରାଯିବ। ଏହି ସାଇରନ୍ ଲମ୍ବାସମୟ ଧରି ବାଜିବ। ୭ ତାରିଖ ଅପରାହ୍ନ ୪ଟା ବେଳେ ସାଇରନ୍ ବାଜିବ। ସାଇରନ୍ ବାଜିବା ପରେ ଜନସାଧାରଣ କଂକ୍ରିଟ ଛାତଥିବା ଘର ଭିତରକୁ ଚାଲିଯିବେ। ଦିନବେଳେ ପରୀକ୍ଷା କରାଯାଉଥିବାରୁ ଅନ୍ଧକାରର ଆବଶ୍ୟକ ପଡ଼ିବ ନାହିଁ। ଏନେଇ ଜିଲା କର୍ତ୍ତୃପକ୍ଷଙ୍କୁ ବସ୍ତି ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳୀ ନିର୍ଦ୍ଧାରଣ କରିବାକୁ କୁହାଯାଇଛି। ଥରେ ଆକ୍ରମଣର ପ୍ରଭାବ ସରିଗଲେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ପୁଣି ଲମ୍ବା ସାଇରନ୍ ବଜାଇବେ, ଯାହା ସୂଚିତ କରିବ ଯେ ଶତ୍ରୁ ବିମାନ ଫେରିଗଲା। ଏହାପରେ ବେସାମରିକ ପ୍ରତିରକ୍ଷା, ଏନ୍‌ସିସି, ଏନ୍‌ଏସ୍‌ଏସ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନା ନେବାର ବ୍ୟବସ୍ଥା କରିବେ। ବୁଧବାର ସୁଦ୍ଧା ରାଜ୍ୟ ଓ ଜିଲାସ୍ତରରେ ନିୟନ୍ତ୍ରଣ କକ୍ଷମାନ କରାଯିବ। ଜେନେଭା ଚୁକ୍ତି ଅନୁସାରେ ବେସାମରିକ ପ୍ରତିରକ୍ଷା ଓ ରେଡ୍‌କ୍ରସ ସଂସ୍ଥା ଯୁଦ୍ଧରେ ଅଂଶୀଦାର ନୁହନ୍ତି। ସେମାନଙ୍କ ଉପରେ କୌଣସି ଆକ୍ରମଣ କରାଯାଇପାରିବନାହିଁ। ଜିଲା ମାଜିଷ୍ଟ୍ରେଟ୍‌ମାନେ ବେସାମରିକ ପ୍ରତିରକ୍ଷାର ନିୟନ୍ତ୍ରକ ଭାବେ କାମ କରନ୍ତି। ତେଣୁ ଜନସାଧାରଣଙ୍କ ପାଇଁ ସବୁ ସେବା ବେସାମରିକ ପ୍ରତିରକ୍ଷା ସଂସ୍ଥା ଅଧୀନରେ ଚାଲିବ। ସେମାନେ ଖାଦ୍ୟ, ଜଳଯୋଗାଣ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ଇତ୍ୟାଦି ସବୁ ବେସାମରିକ ପ୍ରତିରକ୍ଷା ସଂସ୍ଥା ପକ୍ଷରୁ ସଂଯୋଜନା କରାଯିବ। ଜିଲା ମାଜିଷ୍ଟ୍ରେଟ୍‌ମାନେ ବିଭିନ୍ନ ସେବାର ମୁଖ୍ୟଙ୍କୁ ଏଥିପାଇଁ ବେସାମରିକ ପ୍ରତିରକ୍ଷା ୱାର୍ଡେନ୍ ଭାବେ ନିଯୁକ୍ତି ଦେବେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସାହୁ ଜିଲାପାଳମାନଙ୍କୁ ଏସ୍‌ପିଙ୍କ ସହ ସମନ୍ୱୟ ରକ୍ଷାକରି ନାଗରିକ ପ୍ରତିରକ୍ଷା ଅଭ୍ୟାସ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଓସ୍‌ଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର, ୧୨ ଜିଲାର ଜିଲାପାଳ, ଏସ୍‌ପି ଏବଂ ଜିଲା ଆପାତ୍‌କାଳୀନ ଅଧିକାରୀମାନେ ଯୋଗଦେଇଥିଲେ।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ମକ୍‌ଡ୍ରିଲ୍ ପାଇଁ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ବରମୁଣ୍ଡାସ୍ଥିତ ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ(ଓଏଫ୍‌ଡିଆର୍‌ଏ)ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାଶ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ ସିଭିଲ୍ ଡିଫେନ୍ସ ଅର୍ଗାନାଇଜେଶନ୍ ନେତୃତ୍ୱରେ ପୋଲିସ, ଅଗ୍ନିଶମ, ବିଭିନ୍ନ ସ୍ୱେଚ୍ଛାସେବୀ ଏହି ମକ୍‌ଡ୍ରିଲରେ ଅଂଶଗ୍ରହଣ କରିବେ। ବୁଧବାର କେବଳ ବୋମା ବର୍ଷଣକୁ ନେଇ ମକ୍‌ଡ୍ରିଲ୍ କରାଯିବ। ଏହି ମକ୍‌ଡ୍ରିଲ୍ ଏକ ପ୍ରସ୍ତୁତି ହୋଇଥିବାବେଳେ ଏଥିରେ ଭୟଭୀତ ନ ହୋଇ ଜନସାଧାରଣ ସହଯୋଗ କରିବାକୁ ଡିଆଇଜି ନିବେଦନ କରିଛନ୍ତି।

## ସଂକ୍ଷେପରେ

### କୀଟନାଶକ ପିଇ ଯୁବକଙ୍କ ମୃତ୍ୟୁ

**ଖଡ଼ିଆଳ,୬।୫ (ସୁଜିତ କୁମାର ପ୍ରଧାନ):** କୀଟନାଶକ ପିଇ ଗୁରୁତର ଅବସ୍ଥାରେ ଖଡିଆଳ ମିଶନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଛତିଶଗଡ଼ ଦେଓଭୋଗ ବ୍ଲକ ଇନ୍ଦାଗାଁ ଥାନା ଅଞ୍ଚଳର ପ୍ରକାଶ ଯାଦବ (୪୫)। ସୂଚନା ମତେ ପ୍ରକାଶ କୌଣସି କାରଣରୁ ସୋମବାର ରାତିରେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ଖଡ଼ିଆଳସ୍ଥିତ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖଡ଼ିଆଳ ପୋଲିସ ଏ ନେଇ ଇନ୍ଦାଗାଁ ପୋଲିସକୁ ଖବର ଦେବା ସହ ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେଇଛି।

### ମାଟ୍ରିକ ପରୀକ୍ଷା: ଲାଞ୍ଜିଗଡ଼ ବ୍ଲକରେ ପାସ୍ ହାର ୯୭. ୭୯%

**ଲାଞ୍ଜିଗଡ଼,୬।୫ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକରେ ମାଟ୍ରିକ ପରୀକ୍ଷାରେ ପାସ୍‌ହାର ୯୭.୭୯ ପ୍ରତିଶତ ରହିଛି। ବ୍ଲକର ୧୧ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୦୪୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୦୨୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବେନଗାଁ ହାଇସ୍କୁଲର ଛାତ୍ର କ୍ଷେତ୍ରମଣି ସାହୁ ୫୦୯ (୮୪. ୮୩%) ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ଏହି ଅବସରରେ କ୍ଷେତ୍ରମଣିଙ୍କ ସମେତ ଅନ୍ୟ ସମସ୍ତ ସଫଳ ପରୀକ୍ଷାର୍ଥୀଙ୍କୁ ଲାଞ୍ଜିଗଡ଼ ବିଇଓ ଋଷିଆ ମେହେର, ଏବିଇଓ ସୁଢଳଦେବ ମୁଣ୍ଡ, ଭାରତଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି ଅଭିନନ୍ଦନ ଜଣାଇଛନ୍ତି।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ନୂଆପଡ଼ା,୬।୫ (ମକାରୁ ବେମାଲ):** ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ମଙ୍ଗଳବାର ମାଟ୍ରିକ ପରୀକ୍ଷା କୃତୀ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି, ଶିକ୍ଷାବିତ ଡ. ଶିବ ପ୍ରସାଦ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲା ବିଜ୍ଞାନ ନୀରିକ୍ଷକ ଗିରିଧାରୀ ସା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଚଳିତବର୍ଷ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମୁଣ୍ଡାପଲା ଛାତ୍ରୀ ଶ୍ରେଷ୍ଠା ପଣ୍ଡା ୯୩.୧୭ ପ୍ରତିଶତ ମାର୍କ ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିନାପାଲି ଛାତ୍ରୀ ଝରଣା ମେହେର ୯୧ ପ୍ରତିଶତ ମାର୍କ ରଖି ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସଭାରେ ଏମାନଙ୍କ ସହ ଏ-୨ ଗ୍ରେଡ ପାଇଥିବା ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ ଯୋଗ ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମସ୍ତଙ୍କୁ ସମ୍ବୋଧିତ କରି ଜିଲାପାଳ କହିଲେ, ଏହା ସମସ୍ତଙ୍କ ପାଇଁ କେବଳ ଏକ ଖୁସିର ମୁହୂର୍ତ୍ତ ନୁହେଁ, ବରଂ ଏକ ଆତ୍ମ ସମୀକ୍ଷା କରିବାର ବେଳ।



ନାଗାବଳୀ ନଦୀ।

# ଓଡ଼ିଶାରୁ ବାହାରିଛି, ଫାଇଦା ଉଠାଉଛି ଆନ୍ଧ୍ର

- ଆନ୍ଧ୍ର ପକ୍ଷରୁ ନାରେଡି ଓ ଗୋଟା ବ୍ୟାରେଜ ନିର୍ମାଣ
- ମୀନାଝୋଲା ପାଇଁ ଓଡ଼ିଶା ଚୁପ

**ଭବାନୀପାଟଣା, ୬।୫ (ଉତ୍ତମ କୁମାର ଦାଶ)**

ଓଡ଼ିଶାର କଳାହାଣ୍ଡି ଜିଲାରୁ ନାଗାବଳୀ ନଦୀ ଉତ୍ପତ୍ତି ହୋଇଥିବାବେଳେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଗୋଟିଏ ବି ବ୍ୟାରେଜ ନିର୍ମାଣ କରିପାରିନାହାନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ନାଗାବଳୀ ନଦୀ ଉପରେ ୨ଟି ବ୍ୟାରେଜ ନିର୍ମାଣ କରି ଏହାର ଜଳକୁ ଜଳସେଚନରେ ବ୍ୟବହାର କରୁଛି। ଓଡ଼ିଶା ସରକାର ୨୧ବର୍ଷ ପୂର୍ବେ ରାୟଗଡାର ମୀନାଝୋଲାଠାରେ ଶିଳାନ୍ୟାସ କରି ଚୁପ୍ ବସିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁର ପଞ୍ଚାୟତର ବାଲିସରା ନିକଟ ଲାଖବାହାଲ ଗ୍ରାମ ନିକଟରୁ ନାଗାବଳୀ ନଦୀ ଉତ୍ପତ୍ତି ହୋଇଛି। ଏଠାରୁ ଏହି ନଦୀ ବାହାରି କଳାହାଣ୍ଡି ଜିଲାର ନାକରୁଣ୍ଡି, କେରପାଇ, ରାୟଗଡ଼ା ଜିଲାର କଲ୍ୟାଣୀସିଂପୁର, ରାୟଗଡା, ଆନ୍ଧ୍ରପ୍ରଦେଶର ଶ୍ରିକାକୁଲମ ଦେଇ କଳିଙ୍ଗପଟନମଠାରେ ବଙ୍ଗୋପସାଗରରେ ମିଶିଛି। ନାଗାବଳୀ ନଦୀ ଲାଖବାହାଲଠାରୁ କଳିଙ୍ଗପଟନମ ପର୍ଯ୍ୟନ୍ତ ପ୍ରାୟ ୨୫୬.୫ କି.ମି. ନିଜର ଗତିପଥ ବିସ୍ତାର କରିଛି। ଓଡ଼ିଶାରେ ୮ହଜାର ବର୍ଗ କି.ମି. ଥିବାବେଳେ ଆନ୍ଧ୍ର ପ୍ରଦେଶରେ ୨୮୦୦ ବର୍ଗ କି.ମି. ରହିଛି। ଓଡ଼ିଶାରେ ୧୬୦ କି.ମି. ଯାଇଥିବାବେଳେ ଅବଶିଷ୍ଟ ଆନ୍ଧ୍ରପ୍ରଦେଶରେ ରହିଛି । ଓଡ଼ିଶାରୁ ଏହି ନଦୀ ବାହାରିଥିଲେ ମଧ ଓଡିଶା ସରକାରଙ୍କ ପକ୍ଷରୁ ଏଯାବତ ବ୍ୟାରେଜ ନିର୍ମାଣ ପାଇଁ କୋଣସି ଆଗ୍ରହ ପ୍ରକାଶ ପାଉ ନ ଥିବାରୁ କଳାହାଣ୍ଡି ଓ ରାୟଗଡା ଜିଲା ଜଳସେଚନରୁ ବଞ୍ଚିତ ହେଉଛି। ୨୦୦୪ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ପକ୍ଷରୁ ରାୟଗଡ଼ା ଜିଲାର ମୀନାଝୋଲାଠାରେ ବହୁମୁଖୀ ଜଳବିଦ୍ୟୁତ୍ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ ହୋଇଥିଲା। କିନ୍ତୁ ସରକାରଙ୍କ ଅବହେଳା ଯୋଗୁ ଅର୍ଥ ମଞ୍ଜୁର ନ ହେବାରୁ ଏହା ପଡିରହିଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲାରେ ଗୋଟା ଓ ନାରେଡି ନାମରେ ୨ଟି ବ୍ୟାରେଜ ନିର୍ମାଣ ହୋଇସାରିଛି। ୧୯୬୨ ମସିହା ସେପ୍ଟେମ୍ବର ୩୦ରେ ଆନ୍ତଃ ରାଜ୍ୟ ଜଳ ବିବାଦ ନେଇ ଓଡିଶା କମିଶନ ପାଖରେ ଫେରାଦ ହୋଇଥିଲା। ତତ୍କାଳୀନ ଅଧ୍ୟକ୍ଷ ଜଷ୍ଟିସ ମୁକୁନ୍ଦମ ଶର୍ମା ଏହି ବିବାଦର ଶୁଣାଣି କରି ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ୫୦% ଲେଖାଏ ପାଣି ବ୍ୟବହାର କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଓଡିଶା ବୁନ୍ଦାଏ ପାଣି ମଧ୍ୟ ଜଳସେଚନ ନିମନ୍ତେ ବ୍ୟବହାର କରିପାରିନାହିଁ। ନାରେଡି ବ୍ୟାରେଜ ଦ୍ୱାରା ଏହାର ବାମମୁଖ୍ୟ କେନାଲରେ ୧ଲକ୍ଷ ୪୮ ହଜାର ଏକର ଓ ଦକ୍ଷିଣ ମୁଖ୍ୟ କେନାଲରେ ୬୨ହଜାର ୭ଶହ ଏକର ଜମି ଜଳସେଚିତ ହେଉଛି। ନାଗାବଳୀକୁ ନେଇ ଆନ୍ଧ୍ରପ୍ରଦେଶ ଫାଇଦା ଉଠାଉଥିବାବେଳେ ଓଡ଼ିଶା ଜଳକା ହୋଇ ରହିଛି। ଦୀର୍ଘ ୨୧ ବର୍ଷ ପରେ ମଧ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ମୀନାଝୋଲାଠାରେ ବ୍ୟାରେଜ ନିର୍ମାଣ ମରୀଚିକା ପାଲଟିଛି। ରାଜ୍ୟ ସରକାର ବ୍ୟାରେଜ ନିର୍ମାଣ କରି ନାଗାବଳୀ ନଦୀର ପାଣିକୁ ଓଡ଼ିଶାର ରାୟଗଡା ଓ କଳାହାଣ୍ଡି ଜିଲାରେ ବ୍ୟବହାର ନିମନ୍ତେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଅବକାରୀ ଚଢ଼ାଉ: ରନ୍ଧା ମଦ, ମହୁଲ ପୋଚ ଜବତ

**ଭବାନୀପାଟଣା,୬।୫(ଉତ୍ତମ କୁମାର ଦାଶ)**

ଲାଞ୍ଜିଗଡ଼ ବ୍ଲକ ରେତ ଡ୍ୟାମ ନିକଟ ହାତୀମୁଣ୍ଡା ଗ୍ରାମରେ ବେନିୟମ ଭାବେ ରନ୍ଧା ମଦ ପ୍ରସ୍ତୁତି ଚାଲିଥିବା ଅବକାରୀ ବିଭାଗ ସୂଚନା ପାଇଥିଲା। ତଦନୁଯାୟୀ କଳାହାଣ୍ଡି ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଏକ ଟିମ୍ ଚଢାଉ କରିଥିଲା। ଏହି ସମୟରେ ୧୫୦ ଟି ପ୍ଲାଷ୍ଟିକ ଡ୍ରମରେ ୮୫୦୦ କେଜି ମହୁଲ ପୋଚ ଓ ୪ ଶହ ଲିଟର ହାତ ରନ୍ଧା ମଦ ଜବତ କରାଯାଇଥିଲା। ଘଟଣାସ୍ଥଳରେ ଜବତ ସାମଗ୍ରୀକୁ ବିଭାଗ ପକ୍ଷରୁ ନଷ୍ଟ କରାଯାଇଥିବା ଜଣାପଡିଛି। ତେବେ ଅବକାରୀ ଟିମକୁ ଦେଖି ଅଭିଯୁକ୍ତମାନେ ଫେରାର ମାରିଥିଲେ। ଏହି ଚଢ଼ାଉରେ ଭବାନୀପାଟଣା ଅବକାରୀ ଭାରପ୍ରାପ୍ତ ଅଧିକାରୀ ତିଳକ ରାମ ନାଏକଙ୍କ ସମେତ କନଷ୍ଟେବଲ ପ୍ରଦ୍ୟୁମ୍ନ ନାଏକ, ଅଶୋକ କୁମାର ପ୍ରଧାନ, ଅମରେନ୍ଦ୍ର ମାଝୀ, ସାମୁଏଲ ଆଚାର୍ଯ୍ୟ, କିଶାନ ଗଉଡ, ମହାଦେବ ମାଝୀ, ରାଜ କୁମାରୀ ଶବର ପ୍ରମୁଖ ସାମିଲ ଥିଲେ।

## ରତ୍ନମୁଦ ଉତ୍ସବର ଶୀତଳୀକରଣ ବିଧି ପାଳନ



ମନ୍ଦିର ପରିସରରେ ଶୀତଳୀକରଣ ବିଧି ପାଳନ କରାଯାଉଛି।

**ଥୁଆମୂଳ ରାମପୁର,୬।୫ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁରସ୍ଥିତ ମା' ମାଣିକେଶ୍ୱରୀଙ୍କ ନିର୍ମାଣାଧୀନ ଭବ୍ୟ ମନ୍ଦିର ରତ୍ନମୁଦ ଉତ୍ସବ ସମାପନ ପରେ ମଙ୍ଗଳବାର ଶିତଳୀକରଣ ବିଧି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ବିବିଧ ପୂଜାବିଧି ଆୟୋଜିତ ହୋଇଥିଲା। ପୁରୋହିତ କାମାକ୍ଷା ପ୍ରସାଦ ଦାସ, ଭବାନୀ ଶଙ୍କର ଆଚାର୍ଯ୍ୟ, ଦୁର୍ଗା ପ୍ରସାଦ ରଥ, ଅଶ୍ୱିନ କୁମାର ମୁଣ୍ଡ, ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଏହି ବିଧି ସମ୍ପାଦନ କରିଥିଲେ। ମନ୍ଦିରର ମୁଖ୍ୟ ପୁରୋହିତ ତାପସ ରାୟଗୁରୁ, ଅଶୋକ କୁମାର ମୁଣ୍ଡ, ଯୁବକଲାଲ ପରିଛା, ଡମ୍ବରୁଧର ପୂଜାରି ଓ ଶରତ ପୂଜାରୀ ପ୍ରମୁଖ ସହାୟତା କରିଥିଲେ। ଉତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଯଜ୍ଞକର୍ତ୍ତା ସତ୍ୟ ନାରାୟଣ ମୁଣ୍ଡଛିନା ଓ ନିଳୀମା ମୁଣ୍ଡଛିନାଙ୍କ ଦ୍ୱାରା ଯଜ୍ଞ ମଣ୍ଡପରେ ଶିତଳୀକରଣ କରାଯାଇଥିଲା।

## ସର୍ବସାଧାରଣ ପୋଖରୀ ଜବରଦଖଲ

**ନୂଆପଡ଼ା,୬।୫(ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଚୂଳାଭାଟ ପଞ୍ଚାୟତ ଭଏଁଷାଦାଦର ଗାଁରେ ଥିବା ସର୍ବସାଧାରଣ ପୋଖରୀକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ସେମାନେ ଏ ନେଇ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବରେ ଜଣାଇଛନ୍ତି। ଏହାର ତଦନ୍ତକରି ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନା ଅନୁଯାୟୀ ଭଏଁଷାଦାଦର ଗାଁରେ ୧୧ ଏକର ୫୫ ଡେସିମିଲ ପରିମିତ ଏକ ସର୍ବସାଧାରଣ ପୋଖରୀ କୁସୁମକଟା ରହିଛି। ଗାଁ ଲୋକେ ଦୈନିକ ପୋଖରୀ ପାଣି ବ୍ୟବହାର କରିବା ସହ ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ପାଣି ପିଉଛନ୍ତି । ଏପରିସ୍ଥଳେ ପୋଖରୀର କିଛି ଅଂଶକୁ କେତେଜଣ ଲୋକ ପୋତି ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଗ୍ରାମବାସୀ ଅନେକ ଥର ସଭାକରି ମନାକଲା ପରେ ମଧ ସୁଫଳ ମିଳୁନାହିଁ। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ସମ୍ପୂର୍ଣ୍ଣ ପୋଖରୀ ଚାଷଜମିରେ ପରିଣତ ହୋଇଯିବ ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି। ଏହି ସମୟରେ ଭକ୍ତବନ୍ଧୁ ଧରୁଆ, ଭାଗବତ ମାଝି, ହୀରା ରାଉତ, ଗୋଜ ମାଝି, ନେହେରୁ ଶବର ପ୍ରମୁଖ ଉପସ୍ଥିତ ଥିଲେ ।



ଗ୍ରାମବାସୀ ଦାବିପତ୍ର ଦେଇ ଫେରୁଛନ୍ତି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଜୟପାଟଣା,୬।୫(ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମୁଖିଗୁଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ଖମା ରୀ ମୁଖ୍ୟ ଅତିଥି, ସାମଜିକ କର୍ମୀ ଶେଷ ଦେବ ବେହେରା ମୁଖ୍ୟ ବକ୍ତା, ସଂଘ ସମ୍ପାଦକ ଲଳିତ କୁମାର ନାଏକ, ବିଆର୍‌ସିସି ସୁରେନ୍ଦ୍ର ମୋହନ ଯୋଷୀ, ସିଆର୍‌ସିସି ଦୁର୍ଯ୍ୟୋଧନ ବାଣୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦାୟୀ ୪ ଶିକ୍ଷକ ସୁବାସ ସାହୁ, ଯଶୋବନ୍ତ ପଣ୍ଡା, ରତନ ଶବର, ମୁରଲୀଧର ସାହୁଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ମନ୍ଦାକିନୀ ବାଣୁଆଁ ବଲାଙ୍ଗୀରର ଯୁବ କଂଗ୍ରେସ ପ୍ରଭାରୀ

**ଭବାନୀପାଟଣା,୬।୫(ଉତ୍ତମ କୁମାର ଦାଶ)**

ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦିକା ଦାୟିତ୍ୱରେ ଥିବା କଳାହାଣ୍ଡି ଜିଲା ଭବାନୀପାଟଣା ସହରର ମନ୍ଦାକିନୀ ବାଣୁଆଁ (ସୋନୀ)ଙ୍କୁ ବଲାଙ୍ଗୀର ଜିଲା ଯୁବ କଂଗ୍ରେସର ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିଛି। ମନ୍ଦାକିନୀ କଳାହାଣ୍ଡି ଜିଲା କଂଗ୍ରେସରେ ଜଣେ ସକ୍ରିୟ ନାରୀ ନେତ୍ରୀ ଭାବେ ବିଭିନ୍ନ ସାମାଜିକ କାର୍ଯ୍ୟ କରିବା ସହ ଗରିବଙ୍କୁ ନ୍ୟାୟ ଦେବା ପାଇଁ ସବୁବେଳେ ଲଢେଇ କରିଥାନ୍ତି। ସେ ପ୍ରଥମେ ଜିଲା ଯୁବ କଂଗ୍ରେସ ଉପସଭାନେତ୍ରୀ ଥିଲେ। ବର୍ତ୍ତମାନ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ (ଆର୍‌ଜିପିଆର୍‌ଏସ୍)ର ଭବାନୀପାଟଣା ମ୍ୟୁନିସିପାଲିଟି (ଆବାହକ) ଦାୟିତ୍ୱ ମଧ ତୁଲାଉଛନ୍ତି। ନୂତନ ଦାୟିତ୍ୱ ପାଇବା ପରେ ସେ ଏହାର ଶ୍ରେୟ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସଙ୍କୁ ଦେଇଛନ୍ତି। ସେ ଆଗାମୀ ଦିନରେ ଓଡିଶାର ଯୁବତୀଯୁବକଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରାଇ ଦଳକୁ ମଜବୁତ କରିବେ ବୋଲି କହିଛନ୍ତି।



ମନ୍ଦାକିନୀ ବାଣୁଆଁ।

## କଲ୍ୟାଣପୁର-ପଟପରପାଲି ରାସ୍ତା ଶୋଚନୀୟ

**ନୂଆପଡ଼ା,୬।୫ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ୍ ଆମସେନା ପଞ୍ଚାୟତର କଲ୍ୟାଣପୁର-ପଟପରପାଲି ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ କଲ୍ୟାଣପୁର ସମେତ ଆଖପାଖ ୫ଖଣ୍ଡ ଗ୍ରାମର ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ପରଠାରୁ ପ୍ରାୟ ୨୦ ବର୍ଷ ହେବ ମରାମତି କାର୍ଯ୍ୟ କରାଯାଇ ନାହିଁ। ଦୈନିକ ଏହି ରାସ୍ତାରେ ଭାରିଯାନ ଚଳାଚଳ କରିବା ଦ୍ୱାରା ଖାଲଖମାରେ ପରିଣତ ହୋଇଛି। ଅସରାଏ ବର୍ଷା ହେଲେ ପାଣି ଜମି ମଶାମାଛିଙ୍କ ବଂଶ ବୃଦ୍ଧି ହୋଇ ରୋଗର କାରଣ ସାଜୁଛି। ରାସ୍ତା ମରାମତି ପାଇଁ ପଞ୍ଚାୟତଠାରୁ ଆରମ୍ଭକରି ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକପ୍ରିନିଧିଙ୍କୁ ଲିଖିତ ଭାବରେ ଜଣାଇଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଆଗକୁ ବର୍ଷାଋତୁ ଆସୁଥିବାରୁ ତୁରନ୍ତ ରାସ୍ତା ମରାମତି ସହ ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା ଦାବି

**କେସିଙ୍ଗା,୬।୫(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା ପାଇଁ ସିଟିଜେନ ଫୋରମ ପକ୍ଷରୁ ଦାବି କରାଯାଇଛି। ଏହି ମର୍ମରେ ଫୋରମର ସଭାପତି ଡା. ହେମସାଗର ସାହା ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀ ଉଷା ପାଢ଼ୀଙ୍କୁ ମଙ୍ଗଳବାର ଭୁବନେଶ୍ୱରଠାରେ ସାକ୍ଷାତକରି ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଏଥିରେ ଦର୍ଶାଇଛନ୍ତି, କେସିଙ୍ଗା ଏନ୍‌ଏସି ୧୯୬୫ ମସିହାରୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ପରିଚାଳିତ ହୋଇଆସୁଛି। ୨୦୧୧ ଜନଗଣନା ଅନୁସାରେ ସହରର ୧୨ ୱାର୍ଡରେ ଜନସଂଖ୍ୟା ୧୯,୨୩୯ ରହିଛି। ସେଥିମଧ୍ୟରୁ ୯୮୪୪ ପୁରୁଷ ଓ ୯୩୯୫ ମହିଳା। ବର୍ତ୍ତମାନ ଏହି ସଂଖ୍ୟା ୨୬ ହଜାରରେ ପହଞ୍ଚିଲାଣି। ଏହି ପରିପ୍ରେକ୍ଷୀରେ କେସିଙ୍ଗାକୁ ମ୍ୟୁନିସିପାଲିଟି ଘୋଷଣା କରାଗଲେ ସହରର ଭିତିଭୂମି, ବାଣିଜ୍ୟ ବ୍ୟବସାୟ, ଲୋକଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ। ଏହାଛଡ଼ା ଉକ୍ତ ଏନ୍‌ଏସି ୨୦୨୪-୨୫ ଆର୍ଥିକ ବର୍ଷରେ ହୋର୍ଡିଂ ଟାକ୍ସ ବାବଦକୁ ୫୯.୭୪ଲକ୍ଷ ଓ ବିଭିନ୍ନ ରାଜସ୍ୱ ବାବଦରେ ୧.୫କୋଟି ଟଙ୍କା ଅର୍ଥ ଆଦାୟ କରିଛି। ଏନ୍‌ଏସି ୧୨ ୱାର୍ଡରେ ରାସ୍ତାଘାଟ ନିର୍ମାଣ, ଡ୍ରେନ୍, ପାନୀୟଜଳ, ବିଦ୍ୟୁତ୍ ସେବା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସୁବିଧା ଦେଇଆସୁଛି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସିଟିଜେନ ଫୋରମ ସଭାପତି ସାହା ଦାବିପତ୍ରରେ ନିବେଦନ କରିଛନ୍ତି।



ସିଟିଜେନ ଫୋରମ ସଭାପତି ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

### ପ୍ରଧାନ ଶିକ୍ଷକଙ୍କ ଅକାଳ ବିୟୋଗ

**ଖଡ଼ିଆଳ,୬।୫ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ କୁଶମାଲ ଜୟ ଶ୍ରୀଜଗନ୍ନାଥ ହାଇସ୍କୁଲର ପ୍ରଧାନ ଶିକ୍ଷକ ଲକ୍ଷ୍ମଣ କୁମାର ବାରିକ(୫୮)ଙ୍କ ସୋମବାର ରାତିରେ ଅକାଳ ବିୟୋଗ ଘଟିଛି। ସୂଚନା ଅନୁସାରେ ଗତ ୩ ତାରିଖରେ ଲକ୍ଷ୍ମଣଙ୍କ ସହ ଅନ୍ୟ ୨ ଶିକ୍ଷକ ପ୍ରସନ୍ନ କୁମାର ରଣା ଓ ଦୀନବନ୍ଧୁ ବେହେରା କୁଶମାଲ ଗ୍ରାମରେ ଶିଶୁ ସର୍ବେକ୍ଷଣ କରୁଥିଲେ। ଏହି ସମୟରେ ହଠାତ୍ ଲକ୍ଷ୍ମଣ ଅସୁସ୍ଥ ଅନୁଭବ କରିଥିଲେ। ଅନ୍ୟ ୨ ଶିକ୍ଷକ ତାଙ୍କୁ ସଙ୍ଗେ ସଙ୍ଗେ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସିଟିସ୍କାନ ରିପୋର୍ଟ ଅନୁସାରେ ବ୍ରେନ୍ ଷ୍ଟ୍ରୋକ୍ ଘୋଷଣା କରିବା ସହ ବଡ଼ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ପରେ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ, ଝିଅ, ପୁଅ, ସାନଭାଇ ଉପସ୍ଥିତ ଥିଲେ। ମୃତଦେହ ନିଜସ୍ୱ ଗ୍ରାମ କାସିପଲା ଅଣାଯାଇ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁଅ ଜିଜ୍ଞାସୁ ବାରିକ ମୁଖାଗ୍ନି ଦେଇଥିଲେ।



# ରାସ୍ତାପାର୍ଶ୍ୱ ଆଲୋକୀକରଣ, ମରାମତି ପ୍ରତି ଦୃଷ୍ଟିନାହିଁ

**ସୋନପୁର,୬।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରରେ ରାସ୍ତାପାର୍ଶ୍ୱ ଆଲୋକୀକରଣ ବ୍ୟବସ୍ଥା ନାମକୁମାତ୍ର ରହିଛି। ସନ୍ଧ୍ୟା ହେଲେ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଓ ମନ୍ଦିର ପରିସର ଅନ୍ଧାର ରହୁଛି। ଆଲୋକୀକରଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଦାୟିତ୍ୱ ଏବେ ରାଜ୍ୟସ୍ତରରୁ ଏକ ଘରୋଇ କମ୍ପାନୀ ଦ୍ୱାରା ନିୟନ୍ତ୍ରଣ ହେଉଛି। ଏହି ସଂସ୍ଥା ମରାମତି ଓ ରକ୍ଷାବେକ୍ଷଣ ନାମରେ ନେଉଛି ମାସକୁ ଦେଢ ଲକ୍ଷ ଟଙ୍କା। କିନ୍ତୁ ସହରବାସୀଙ୍କୁ ଆବଶ୍ୟକ ସେବା ମିଳୁନି। ଲୋକେ ଅଭିଯୋଗ କଲେ ମଧ୍ୟ ପରିଷଦ ତାର ସମାଧାନ କରିପାରୁନି। ଅନ୍ୟପକ୍ଷେ ଏହି ବ୍ୟବସ୍ଥା ରାଜ୍ୟ ସରକାରଙ୍କ ହାତରେ ଥିବା କହି ପୌର ପ୍ରଶାସନ ନିଜ ଦାୟିତ୍ୱରୁ ଖସି ଯାଉଛି। ସହରବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସୁଯୋଗରେ ସହରରେ ଚୋରି, ଲୁଟ୍ ଭଳି ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ଅଭିଯୋଗ ହେଉଛି।

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା, ଆବାସିକ କାର୍ଯ୍ୟାଳୟ ସମ୍ମୁଖ, ରିଜର୍ଭ ପୋଲିସ ରାସ୍ତା, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଦୀର୍ଘ ତିନି ବର୍ଷ ହେବ ଅନ୍ଧାରରେ ରହିଛି। ସହର ଆଲୋକୀକରଣ ଓ ମରାମତି ନାଁରେ ପରିଷଦ କୋଟିକୋଟି ଟଙ୍କା ବ୍ୟୟ କରୁଛି। କିନ୍ତୁ ତେଲନଦୀ ବ୍ରିଜ୍‌ରୁ ନୂତନ ଟାଉନ ହଲ, ନୂତନ ଟାଉନ ହଲରୁ ବୀର ସୁରେନ୍ଦ୍ର ସାଏ ଛକ ଓ ବୀର ସୁରେନ୍ଦ୍ର ସାଏ ଛକରୁ ସାମ୍ବାଦିକ ଭବନ ପର୍ଯ୍ୟନ୍ତ ରାସ୍ତାପାର୍ଶରେ ଉଜ୍ୱଳ ଆଲୋକ ବ୍ୟବସ୍ଥା ହୋଇପାରିନି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଆଲୋକ ବ୍ୟବସ୍ଥା ନଥିବାରୁ ପୌରପରିଷଦର ଅପାରଗତା ପଦାରେ ପଡିଯାଇଛି। ମନ୍ଦିରମାଳିନୀ ଏହି ସହରରେ ୧୫ଟି ୱାର୍ଡ ରହିଛି। ୨୦୧୫ରୁ ରାସ୍ତାପାର୍ଶ୍ୱ ଉଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଏଲଇଡି ଲାଇଟ୍ ସହରରେ ଲାଗିଥିଲା। କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁ ସହରର ଅଧା ଅଂଶ ଅନ୍ଧାର ରହୁଛି। ରାସ୍ତା ପ୍ରଶସ୍ତିକରଣ ପାଇଁ ନୂତନ ଟାଉନ ହଲରୁ ମହାନଦୀ ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟ ଓ ଆଲୋକ ବ୍ୟବସ୍ଥାକୁ ହଟାଇ ଦିଆଯାଇଥିଲା। ଦୀର୍ଘ ମାସ ହେବ ରାସ୍ତା କାମ ସରିଥିଲେ ମଧ୍ୟ ଉଜ୍ୱଳ ଆଲୋକ ବ୍ୟବସ୍ଥା ହୋଇପାରିନାହିଁ। ସେହିପରି ତେଲନଦୀ ବ୍ରିଜ୍‌ରୁ ରିଂରୋଡର ରାମେଶ୍ୱର ମନ୍ଦିର ଓ କୁମ୍ଭାରପଡା ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱକୁ ଆଲୋକୀକରଣ କରାଯାଉନାହିଁ। ଏହି ରାସ୍ତା ଏବେ ଅସାମାଜିକବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସନ୍ଧ୍ୟା ହେଲେ ସୁବର୍ଣ୍ଣମେରୁ ଓ ରାମେଶ୍ୱର ଶୈବପୀଠ ଏବଂ ସର୍କିଟ୍ ହାଉସକୁ ଯିବା ପାଇଁ ଲୋକେ ଭୟ କରୁଛନ୍ତି। କଚେରୀ ଛକରୁ ବୁଢାରଜା ଛକ ଅନ୍ଧାର ରହୁଛି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ସୋନପୁର କଲେଜ, ଜିଲା ପୋଲିସ କାର୍ଯ୍ୟାଳୟ, ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟ, ଜିଲା ଦୌରାଜଜ ଓ ଅତିରିକ୍ତ ଜିଲା ଜଜଙ୍କ ବାସଭବନ, ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ତେଲ ଜଳସେଚନ କଲୋନି ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଏବଂ ଅଧିକାରୀଙ୍କ ବାସଭବନ ରହିଛି। ଡିଆଇସି ଅଫିସ ଛକରୁ ସୁବର୍ଣ୍ଣମେରୁ ମନ୍ଦିର, ଦୁର୍ଗାମଣ୍ଡପ ଛକରୁ ବୃନ୍ଦାବନ ବିହାରୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମଧ୍ୟ ଅନ୍ଧାର ରହୁଛି। କିଛି ଦିନ ହେବ ଘରୋଇ କମ୍ପାନୀ ପକ୍ଷରୁ ଅଧିକାଂଶ ୱାର୍ଡରେ ୩୦ରୁ ୪୦ ଲେଖାଏ ନୂଆ ଲାଇଟ୍ ଲାଗିଛି। ତେବେ ମଙ୍ଗଳବାର ବଜାର ହାଇମାଷ୍ଟ ଲାଇଟ୍ ଦୀର୍ଘ ୨୦ଦିନ ଧରି ଜଳୁନି। ଏହାକୁ ମରାମତି କରାଯାଉନି। ସହରର ପ୍ରମୁଖ ପ୍ରବେଶ ପଥ ଓ ଆଭ୍ୟନ୍ତରୀଣ ଅଞ୍ଚଳ ଅନ୍ଧାର ରହୁଥିବାରୁ ରାସ୍ତାରେ ଯାତାୟତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅନ୍ଧାର ସାଙ୍ଗକୁ ବୁଲା ଗୋରୁ ଓ କୁକୁର ପରିସ୍ଥିତିକୁ ଆହୁରି ଜଟିଳ କରି ଦେଇଛନ୍ତି। ଆଗକୁ ପ୍ରସିଦ୍ଧ ଶୀତଳଷଷ୍ଠୀ ଓ ରଥଯାତ୍ରା ଆସୁଛି। ପୌର ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଜିଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଋଷି ମାଝୀଙ୍କୁ ପଚାରିବାରୁ ରାସ୍ତାପାର୍ଶ୍ୱ ଆଲୋକୀକରଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ରାଜ୍ୟସ୍ତରରେ ଏକ ଘରୋଇ କମ୍ପାନୀ ନିୟନ୍ତ୍ରଣରେ ରହିଛି। ସମସ୍ୟା ହେଲେ ସେମାନଙ୍କୁ ଜଣାଇ ସମାଧାନ କରାଯାଉଛି। ନୂତନ ଟାଉନ ହଲ ଛକରୁ ପଟାଭାଡିସ୍ଥିତ ସାମ୍ବାଦିକ ଭବନ, ତେଲନଦୀ ବ୍ରିଜ୍‌ରୁ ରିଂ ରୋଡର କୁମ୍ଭାରପଡା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଆଲୋକୀକରଣ ବ୍ୟବସ୍ଥା ପାଇଁ ରାଜ୍ୟସ୍ତରରେ ଟେଣ୍ଡର ହୋଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଅନ୍ଧାର ରହିଛି।

**ସହରରେ ବଢୁଛି ଆପରାଧିକ କାର୍ଯ୍ୟକଳାପ**

# କଦମଫୁଲ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବ ଓ ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବୀରମହାରାଜପୁର,୬।୫ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ରଥପୁର ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ସଭାଗୃହରେ ମଙ୍ଗଳବାର ଅପରାହ୍ଣ ୪ଟାରେ କଦମଫୁଲ ସାହିତ୍ୟ ସଂସଦର ପଞ୍ଚମ ବାର୍ଷିକ ଉତ୍ସବ ଓ ପତ୍ରିକା ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି। ପତ୍ରିକା ମୁଖ୍ୟ ସମ୍ପାଦକ ଡ଼ ଯୁଧିଷ୍ଠିର ଖମାରୀଙ୍କ ଅଧ୍ୟକ୍ଷତା ଏବଂ ପଙ୍କଜ ଖମାରୀଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ରାଧେଶ୍ୟାମ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ସଭାର ପ୍ରଥମ ଅଧିବେଶନରେ ବିଶିଷ୍ଟ ଲେଖକ ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖ ନାଥ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥଲେ। ପ୍ରଫେସର ମୀନା ମହାରଣା, ବିଶିଷ୍ଟ ଶିକ୍ଷାବିତ୍ ବ୍ରଜମୋହନ ଦାନୀ ସମ୍ମାନିତ ଅତିଥି ଏବଂ ବିଶିଷ୍ଟ ଐତିହାସିକ ଗବେଷକ ସୁଦାମ ଚରଣ ନାଏକ ମୁଖ୍ୟବକ୍ତାଭାବେ ଯୋଗଦେଇ କୋଶଲି ଭାଷା ସାହିତ୍ୟର ଉନ୍ନତି ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୌମିତ୍ରୀ କର୍ଣ୍ଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ବାର୍ଷିକ ମୁଖପତ୍ର କଦମଫୁଲ ଅତିଥିମାନଙ୍କଦ୍ୱାରା ଉନ୍ମୋଚନ କରାଯାଇଥିଲା। ପ୍ରତିବର୍ଷ ଭଳି ଏ ବର୍ଷ କଦମଫୁଲ ସାହିତ୍ୟ ସମ୍ମାନରେ ବର୍ଷିଆନ କବି ଭିକାରି ଚରଣ ପ୍ରଧାନଙ୍କୁ, କଦମଫୁଲ କଳା ସମ୍ମାନରେ ଯୁବ ଦଣ୍ଡ କଳାକାର ଲିଙ୍ଗରାଜ ଛତ୍ରିଆ ଓ କଦମଫୁଲ ପାଠକ ସମ୍ମାନରେ ବବିତା ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ମାନଗୋବିନ୍ଦ ମେହେର, ଗୋପୀକୃଷ୍ଣ ପାଣ୍ଡିଆ, ଅନିରୁଦ୍ଧ କୁରୁକୁରିଆ, କିଶୋର କୁମାର ହୋତା, ଗୀତାଞ୍ଜଳି ମିଶ୍ର, ତରଣୀସେନ ଗୁରୁ ମଞ୍ଚାସୀନ ଥିଲେ। କବି ସନ୍ତୋଷିନୀ ନାୟକ ଏବଂ ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବଲାଙ୍ଗୀର, ବୌଦ୍ଧ, ବରଗଡ଼, ସୁବର୍ଣ୍ଣପୁର ଜିଲାର ବହୁ ତରୁଣ ଓ ନବୀନ କବି ସ୍ୱରଚିତ କୋସଲି କବିତା ପାଠ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଅଖୋଜ କୁମାର ଷାଣ୍ଡଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଶାନ୍ତନୁ କୁମାର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ସୁରକ୍ଷା କମିଟିର ଉପକାରାଗାର ପରିଦର୍ଶନ

**ସୋନପୁର,୬।୫(ମୃତ୍ୟୁଞ୍ଜୟ ଶତପଥୀ)**

ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଦାରା ମନୋନୀତ ଶିଶୁ ସୁରକ୍ଷା ବିଶେଷଜ୍ଞ କମିଟି ମଙ୍ଗଳବାର ସୋନପୁର ଉପକାରାଗାର ପରିଦର୍ଶନ କରିଛନ୍ତି। ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା କୁମୁଦିନୀ ମୁଦୁଲିଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟ ପ୍ରଫେସର ନୀଳାମ୍ବର ଶତପଥୀ, ଜିଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ଉପକାରାଗର ଯାଇଥିଲେ। କମିଟି ଅନ୍ତେବାସୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କୌଣସି ମାମଲାରେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ କାରାଗାରରେ ଥିବା ଅନ୍ୟ କଏଦୀଙ୍କ ସହିତ ରହୁଛନ୍ତି କି ନାହିଁ କମିଟି ପକ୍ଷରୁ ଯାଞ୍ଚ କରାଯାଇଥିଲା। କିନ୍ତୁ ସେମିତି କୌଣସି ଶିଶୁ ଉପକାରାଗାରରେ ନ ଥିଲେ। ଉକ୍ତ ପରିଦର୍ଶନ ସମୟରେ ଆଇନ ଛାତ୍ର ରାଜୀବ କୁମାର ନନ୍ଦ ଓ ଲମ୍ବୋଦର ପ୍ରଧାନ ଉପସ୍ଥିତ ଥିଲେ। କାରାଗାରର ଅଧୀକ୍ଷକ ଡିଲେଶ୍ୱର ଜେନା ଏଥିରେସହଯୋଗ କରିଥିଲେ।


ସୋନପୁର ଉପକାରାଗାର ସମ୍ମୁଖରେ ବିଶେଷଜ୍ଞ କମିଟି କର୍ମକର୍ତ୍ତା।

# ନାଟକ ରାମ ବନବାସ ମଞ୍ଚସ୍ଥ

**ବୀରମହାରାଜପୁର,୬।୫(ଯୁଗଳ କୁମାର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଲୁମୁରଜେନା ଶତପଥୀ ପଡା ମଣ୍ଡପରେ ସୋମବାର ରାତି ୯ଟା୩୦ ରାମଲୀଳାର ରାମ ବନବାସ ନାଟକ ମଞ୍ଚସ୍ଥ ହୋଇଥିଲା। ଲୁମୁରଜେନା ଜୟ ଜଗନ୍ନାଥ ନାଟ୍ୟ ସଂସଦ ତରଫରୁ ମଞ୍ଚସ୍ଥ ନାଟକର ନିର୍ଦ୍ଦେଶନା ଦେଇଥିଲେ ଉମେଶ ଦାସ। ଶଙ୍କର ମେହେରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଅଭିନୀତ ନାଟକର ରାମ ଭୂମିକାରେ ପ୍ରକାଶ ମହାପାତ୍ର, ସୀତା ଲକ୍ଷ୍ମୀକାନ୍ତ ଗାଇଗରିଆ, ଲକ୍ଷ୍ମଣ ମିଥୁନ ପଣ୍ଡା, ଦଶରଥ ପ୍ରଶାନ୍ତ ପଣ୍ଡା ଅଭିନୟ କରିଥିଲେ। ରୂପଶଯ୍ୟା କରିଥିଲେ ଦୀନବନ୍ଧୁ ମେହେର। ସଭାପତି କୈଳାସ ପଣ୍ଡା ଓ ସମ୍ପାଦକ ନରେନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ନାଟକ ଦେଖିବା ପାଇଁ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା।


ରାମ ବନବାସ ନାଟକର ଏକ ଦୃଶ୍ୟ।


ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ଗ୍ରାମରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଉଛି।

# ଜବରଦଖଲ ଉଚ୍ଛେଦକଲା ପ୍ରଶାସନ

**ଅମରପାଲି,୬।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ଗ୍ରାମରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରିଛି ପ୍ରଶାସନ। ଗ୍ରାମର ତିନୋଟି ପରିବାର ରାସ୍ତାକୁ ଜବରଦଖଲ କରି ଘର ଓ ପାଚେରି କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଥିଲା। ଏହା ସହିତ ନର୍ଦ୍ଦମା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଥିଲା। ଫଳରେ ଲୋକେ ଚଳପ୍ରଚଳରେ ଅସୁବିଧା ଭୋଗୁଥିଲେ। ଅଣ ଓସାରିଆ ରାସ୍ତା ଯୋଗୁ ବଡ଼ ଗାଡ଼ି ମୋଟର ଯାଇ ଆସୁ ପାରୁ ନ ଥିଲା। ଏପରିକି ଲୁଡୁରପଙ୍କ ଗ୍ରାମ ଦେଇ ନୂତନ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ଜବରଦଖଲ ଯୋଗୁଁ ସେହି ଅଞ୍ଚଳର ରାସ୍ତା କାମ ହୋଇ ପାରି ନ ଥିଲା। ଫଳରେ ଗ୍ରାମରୁ ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମରେ ସଭା କରାଯାଇଥିଲା। ଯେଉଁମାନେ ଜବରଦଖଲ କରିଥିଲେ ସେମାନେ ସେହି ଜମିକୁ ଛାଡ଼ି ଦେବାକୁ କୁହାଯାଇଥିଲା। ମାତ୍ର ସେମାନେ ଜମି ଛାଡ଼ି ନ ଥିଲେ। ଫଳରେ ଗ୍ରାମବାସୀ ବାଧହୋଇ ବୀରମହାରାଜପୁର ଉପଜିଲାପାଳ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଥିଲେ।

ତେବେ ମଙ୍ଗଳବାର ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ସମେତ ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ବେଆଇନ ଜବରଦଖଲ ଅଂଶ ଉଚ୍ଛେଦ କରାଯାଇଛି। ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣଗ୍ରାହୀ ମାଜିଷ୍ଟ୍ରେଟଭାବେ ଜବରଦାଖଲ ସମୟରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କ ସମେତ ଏକ ପ୍ଲାଟୁନ ପୋଲିସ, କେନଝିରିଆପାଲି ରାଜସ୍ୱ ନୀରିକ୍ଷକ ରମାକାନ୍ତ ଜଗଦଲା ଓ ଅନ୍ୟ ରାଜସ୍ୱ କର୍ମଚାରୀ, ବିଦ୍ୟୁତ୍ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

**ବୌଦ୍ଧ,୬।୫(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବର ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲା ପରିଷଦ ଅଧ୍ୟା ପ୍ରଭାସିନୀ ଦାସ, ଅତରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ କାର୍ଯ୍ୟ ନିବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଆସନ୍ତା ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ବନ୍ଧବାଡ ମରାମତି, ରିଲିଫ ସାମଗ୍ରୀ ମହଜୁଦ ସହ ବୋଟ୍ ବ୍ୟବସ୍ଥା ସମ୍ପର୍କରେ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ରଥଯାତ୍ରା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ


ମନ୍ଦିର ପରିଚାଳନା ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

**ବୌଦ୍ଧ,୬।୫(ଅଜିତ କୁମାର ବାରିକ)**

ଆଗାମୀ ରଥଯାତ୍ରା ପାଇଁ ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ମନ୍ଦିର ପରିସରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ତିନି ଠାକୁରଙ୍କ ଦେବସ୍ନାନ ନୀତି ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନେତ୍ରୋତ୍ସବ, ଦେବସ୍ନାନ, ପହଣ୍ଡି ଯାତ୍ରା, ରଥଟଣା ପାଇଁ ମାହେନ୍ଦ୍ର ବେଳା ସ୍ଥିର କରି ପରିଚାଳନା କମିଟି ଜରିଆରେ ଜିଲା ଦେବୋତ୍ତର ବିଭାଗକୁ ଅବଗତ କରାଇବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଦେବସ୍ନାନ ପୂର୍ଣ୍ଣିମା ଦିନ ବ୍ରାହ୍ମଣ ସେବକମାନେ ଠାକୁରମାନଙ୍କ ସ୍ନାନଯାତ୍ରା ଓ ଗଜବେଶ କରିବା ପାଇଁ ସ୍ଥିର ହୋଇଥିଲା। ମନ୍ଦିରରେ ଏକ ପ୍ରସାଦ ମଣ୍ଡପ ନିର୍ମାଣ ପାଇଁ ରହିଥିବା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ବୈଠକରେ ପରିଚାଳନା କମିଟି ସମ୍ପାଦକ ଶଙ୍କର ପ୍ରସାଦ ପୁରୋହିତ, କୋଷାଧ୍ୟକ୍ଷ ଆଶୁତୋଷ ମହାପାତ୍ର, ବିଶ୍ୱଜିତ ମିଶ୍ର, ରଘୁନାଥ ଷଡଙ୍ଗୀ, ଶଶାଙ୍କ ଶେଖର ମିଶ୍ର, ସତ୍ୟଜିତ କୁମାର ପଣ୍ଡା, ଆଶୁତୋଷ ଦାଶ, ବିଜୟ କୁମାର ମିଶ୍ର, ଶମ୍ଭୁ ପ୍ରସାଦ ମିଶ୍ର ଓ ପୂଜକ ବିଭୁ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆଦିବାସୀ ଭବନ ପାଇଁ ଭୂମି ପୂଜନ

**ବୀରମହାରାଜପୁର,୬।୫ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳ କାର୍ଯାଳୟ ନିକଟରେ ଆଦିବାସୀ ଭବନ ନିର୍ମାଣ ପାଇଁ ମଙ୍ଗଳବାର ପୂର୍ବାହ୍ନ ୧୦ ଟାରେ ଭୂମି ପୂଜନ ହୋଇଛି । ହିଲୁଙ୍ଗ ସେବା ସମବାୟ ସଭାପତି ଯୋଗୀନ୍ଦ୍ର ମିର୍ଦ୍ଧା, କୋଟସମଲେଇ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ନନ୍ଦନ ଭୋଇଙ୍କ ଉଦ୍ୟମ ଫଳରେ ଭୂମି ପୂଜନ ହୋଇଥିଲା। ପ୍ରଭାତୀ ବା, ଶ୍ୟାମ ସୁନ୍ଦର ଭୋଇଙ୍କ ସମେତ ବହୁ ଆଦିବାସୀ ନେତା ସାମିଲ ହୋଇଥିଲେ। ସ୍ଥାନୀୟ ତହସିଲଦାର, ଜିଲାପାଳ ଅନ୍ୟା ଦାସ, ସ୍ଥାନୀୟ ବିଧାୟକ ରଘୁନାଥ ଜଗଦଲା, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଭୂମି ପୂଜନ ସମୟରେ ସମାଜସେବୀ କିଶୋର ହୋତା ଏବଂ ଆଇନଜୀବୀ ଆଶ୍ରୟ ମହାନନ୍ଦ ସାମିଲ ହୋଇଥିଲେ।



## ସଂକ୍ଷେପରେ

## ବନବିହାରୀ ସଭାପତି, କମଳାକାନ୍ତ ସାଧାରଣ ସମ୍ପାଦକ

### ସୁବର୍ଣ୍ଣରେଖାର ସାଧାରଣ ପରିଷଦ ବୈଠକ

**ରାଉରକେଲା,୬ା୫(ଦିନେଶ ମିଶ୍ର):** ବାସନ୍ତୀ କଲୋନିସ୍ଥିତ ସୁବର୍ଣ୍ଣରେଖାର ବାର୍ଷିକ ସାଧାରଣ ବୈଠକ ଓ ନୂତନ କାର୍ଯ୍ୟକାରୀ କମିଟି ଗଠନ ସୋମବାର ସନ୍ଧ୍ୟାରେ ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ବାର୍ଷିକ ବିବରଣୀ ପାଠ ଏବଂ କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଜେନା ୨୦୨୪-୨୫ ଆର୍ଥିକ ବର୍ଷର ଆୟବ୍ୟୟ ରିପୋର୍ଟ ଉପସ୍ଥାପନ କରିଥିଲେ। ପରେ କାର୍ଯ୍ୟକାରୀ କମିଟି ଘୋଷଣା କରାଯାଇଥିଲା। ଏଥିରେ ବନବିହାରୀ ରଣା ସଭାପତି, ନିତ୍ୟାନନ୍ଦ ବେହେରା ଓ କବୀନ୍ଦ୍ର ନାରାୟଣ ଦେଓ ଉପସଭାପତି, କମଳାକାନ୍ତ ପ୍ରଧାନ ସାଧାରଣ ସମ୍ପାଦକ ଭାବେ ମନୋନିତ ହୋଇଥିଲେ। ମହେନ୍ଦ୍ର ମହାଳିକ ସହ ସାଧାରଣ ସମ୍ପାଦକ, ଆନନ୍ଦ କୁମାର ଗିରି ସାଙ୍ଗଠନିକ ସମ୍ପାଦକ, କମଳ ଲୋଚନ ଗାରୁ ସହ ସାଙ୍ଗଠନିକ ସମ୍ପାଦକ, ବିଜୟ କୁମାର ପ୍ରଧାନଙ୍କୁ ସାଂସ୍କୃତିକ ସମ୍ପାଦକ ଭାବେ ଘୋଷଣା ହୋଇଥିଲା। ସେହିପରି ରାଧାକୃଷ୍ଣ ଦଳପତି ସହ ସାଂସ୍କୃତିକ ସମ୍ପାଦକ, ରାଜେନ୍ଦ୍ର ବାରିକ କ୍ରୀଡ଼ା ସମ୍ପାଦକ, ଅରକ୍ଷିତ ଆଦକ ଯୋଗାଯୋଗ ସମ୍ପାଦକ, ଆଇନଜୀବୀ ଗୀତାଞ୍ଜଳି ପଣ୍ଡା ମହିଳା ସମ୍ପାଦିକା, ପ୍ରଫୁଲ୍ଲ ସାହୁ ପାଠାଗାର ସମ୍ପାଦକ, ମିନୁଶ୍ରୀ ପରିଡ଼ା ସହ ମହିଳା ସମ୍ପାଦିକା ଏବଂ ରବୀନ୍ଦ୍ର ନାଥ ଜେନାଙ୍କୁ କୋଷାଧ୍ୟକ୍ଷ ଭାବେ ଘୋଷଣା କରାଯାଇଥିଲା। ଉପଦେଷ୍ଟା ପରିଷଦ ସଦସ୍ୟ ଭାବେ ୧୬ଜଣଙ୍କୁ ଚୟନ କରାଯାଇଥିଲା।

## ପ୍ରକାଶ କେନ୍ଦ୍ର ମନ୍ତ୍ରୀଙ୍କ ଆର୍‌ଏମ୍‌ସି ପ୍ରତିନିଧି

ରାଉରକେଲା,୬ା୫(ବିପ୍ଳବ ରଞ୍ଜନ ଦାଶ)

କେନ୍ଦ୍ରୀ ଆଦିବାସୀ କଲ୍ୟାଣ ମନ୍ତ୍ରୀ ତଥା ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ରାଉରକେଲା ଭାଜପାର ଯୁବନେତା ପ୍ରକାଶ ପାଶ୍ୱାନଙ୍କୁ ରାଉରକେଲା ମହାନଗର ନିଗମ ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ଜୁଏଲଙ୍କ ଅନୁପସ୍ଥିତିରେ ଆର୍‌ଏମ୍‌ସି ବୈଠକରେ ପ୍ରକାଶ ଉପସ୍ଥିତ ରହିବେ। ଏଥିସହ ସେ ଆର୍‌ଏମ୍‌ସିର ସମସ୍ତ କାର୍ଯ୍ୟ ଉପରେ ଆୟୁକ୍ତ ଓ ଅନ୍ୟ ଅଧିକାରୀଙ୍କ ସହ ବିଚାର ବିମର୍ଶ କରିପାରିବେ। ତେବେ ଆରଏମ୍‌ସି ଅନ୍ତର୍ଗତ ୪୧ଟି ୱାର୍ଡରେ ଥିବା ବିଭିନ୍ନ ସମସ୍ୟାକୁ କେନ୍ଦ୍ର ମନ୍ତ୍ରୀ ଓରାମଙ୍କ ଦୃଷ୍ଟିକୁ ଆଣି ତାର ସମାଧାନ କରିବା ଦିଗରେ ନିଷ୍ଠାର ସହ କାମ କରିବେ ବୋଲି ପ୍ରକାଶ କହିଛନ୍ତି।



ପ୍ରକାଶ ପାଶ୍ୱାନ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କଠାରୁ ପତ୍ର ଗ୍ରହଣ କରୁଛନ୍ତି।




ରାଉରକେଲା ସହରରେ ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ମଙ୍ଗଳବାର ପୋଲିସ ପକ୍ଷରୁ ମୁଖ୍ୟ ମାର୍ଗରେ ଯାନବାହନ ଯାଞ୍ଚ କରାଯାଉଛି।

## ଆପରାଧିକ କାର୍ଯ୍ୟକଳାପ ରୋକିବାକୁ ଗାଡ଼ି ଯାଞ୍ଚ

ରାଉରକେଲା,୬ା୫(ଦିନେଶ ମିଶ୍ର)

ରାଉରକେଲାରେ ଘଟୁଥିବା ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ପୋଲିସ ଅଣ୍ଟା ଭିଡିଛି। ଏହି କ୍ରମରେ ରାଉରକେଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡି ଚେକିଂ ସହ ଚଢାଉ କରାଯାଉଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନିଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଥାନାଧିକାରୀ ସେମାନଙ୍କ ଥାନା ଅନ୍ତର୍ଗତ ପ୍ରମୁଖ ଛକମାନଙ୍କରେ ଡ୍ରଙ୍କ୍ ଡ୍ରାଇଭ ଓ ମଦ କାରବାର କରୁଥିବା ଢାବାରେ ଚଢ଼ାଉ ଜାରି ରଖିଛନ୍ତି। ଗତ ଦୁଇ ସପ୍ତାହ ମଧ୍ୟରେ ରାଉରକେଲା ପୋଲିସ ଦେଢ ଶହରୁ ଊର୍ଦ୍ଧ୍ୱ ମଦ୍ୟପଙ୍କୁ କାବୁ କରିଛି। ଏଥିସହ ସର୍ବସାଧାରଣ ସ୍ଥାନରେ ନିଶା ସେବନ କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରି ଦେଇଛି। ସେହିଭଳି ବ୍ରାହ୍ମଣୀତରଙ୍ଗ ପୋଲିସ ବେଦବ୍ୟାସ ପ୍ରବେଶ ପଥ ଓ ରାଜ୍ୟ ସଡ଼କ ପଥରେ ଭାରିଯାନ ଓ ରାସ୍ତାକଡ଼ ଢାବା ଉପରେ ଚଢ଼ାଉ କରୁଛି। ପ୍ଲାଣ୍ଟସାଇଟ୍ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ନିଶାସେବନ ଯୋଗୁ ସହରରେ ଅପରାଧ ଘଟୁଥିବାରୁ ରାଉରକେଲା ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ପ୍ରତିଦିନ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି କଡାକଡି କରାଯିବ ବୋଲି ସେ କହିଛନ୍ତି।

# ୭୭୫ ହମ୍ପ୍‌ସରେ ନାହିଁ ସାଙ୍କେତିକ ଚିହ୍ନ

**ସ୍ମାର୍ଟ ସିଟି ରାଉରକେଲା**
- ଗାଡ଼ି ଚାଳକ ହଟହଟା, ବଢୁଛି ଦୁର୍ଘଟଣା
- ଖୁବ୍ ଶୀଘ୍ର ଉଚିତ ପଦକ୍ଷେପ ନିଆଯିବ: ଏଡିଏମ୍

ରାଉରକେଲା,୬ା୫(ଦିନେଶ ମିଶ୍ର)



ଉଦିତନଗର ପୁରୁଣା ରୋଡ୍‌ରେ ଥିବା ହମ୍ପ୍‌ସ।

ସ୍ମାର୍ଟସିଟି ରାଉରକେଲାରେ ଲୋକ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଯାନବାହନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ସହରର ବିଭିନ୍ନ ରାସ୍ତାକୁ ଚଉଡ଼ା କରିବା ସହ ପିଚୁ ପକାଇ ସମତୁଲ କରି ସହରବାସୀଙ୍କ ଯାତାୟାତ ସୁଗମ କରୁଛି। ତେବେ ରାସ୍ତାରେ ହମ୍ପ୍‌ସ (ସ୍ପିଡ୍ ବ୍ରେକର) ନିର୍ମାଣ କରାଯାଉଥିଲେ ମଧ୍ୟ ସେଥିରେ ସାଙ୍କେତିକ ଚିହ୍ନ ବ୍ୟବହାର କରାଯାଉନାହିଁ। ଫଳରେ ବାଇକ୍ ଚାଳକମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁସାରେ, ରାଉରକେଲା ସହରର ଏସ୍‌ଟିଆଇ ଓଭରବ୍ରିଜ୍ ମୁଖ୍ୟ ରାସ୍ତା, ୟୁଜିଆଇ ରୋଡ୍, ବାସନ୍ତୀ କଲୋନି ମୁଖ୍ୟ ମାର୍ଗ, ପାନପୋଷ ରୋଡ୍, ଛେଣ୍ଡ ଏଲସିଆର ବ୍ଲକ, ସିଭିଲଟାଉନଶିପ୍ ଅଞ୍ଚଳ, ରଘୁନାଥପାଲି ଓଭରବ୍ରିଜ୍ ମୁଖ୍ୟ ରାସ୍ତାର ଏକାଧିକ ସ୍ଥାନରେ ଥିବା ହମ୍ପ୍‌ସରେ କୌଣସି ସାଙ୍କେତିକ ଚିହ୍ନ ନ ଥିବା ଦେଖିବାକୁ ମିଳିଛି। ସେହିପରି ଏହି ହମ୍ପ୍‌ସଗୁଡିକରେ ଦିନବେଳା ରାସ୍ତାକଡ଼ ଗଛ ଛାଇ ପଡୁଥିବାବେଳେ ରାତିରେ ସ୍ପଷ୍ଟ ଦେଖାଯାଉନାହିଁ। ଏଥିପାଇଁ ବିଶେଷ କରି ବାଇକ୍ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାଉରକେଲା ସହରରେ ଏଭଳି ରାସ୍ତାର ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୭୭୫ଟି ହମ୍ପ୍‌ସରେ କୌଣସି ସାଙ୍କେତିକ ଚିହ୍ନ ନ ଥିବା ରାଉରକେଲା ରାସ୍ତା ଓ କୋଠାବାଡି ବିଭାଜନ ପକ୍ଷରୁ ଜଣାପଡିଛି। ରାଜ୍ୟ ସଡ଼କ ପରିବହନ ବିଭାଗର ନିୟମ ଅନୁଯାୟୀ, ରାସ୍ତାର ଯେଉଁ ସ୍ଥାନରେ ଉଚ୍ଚ ହମ୍ପ୍‌ସ ବା ସ୍ପିଡ୍‌ବ୍ରେକର ରହିବ ସେଠାରେ ଧଳା କିମ୍ବା ହଳଦିଆ ରଙ୍ଗ ଲଗାଇ ଗାଡି ଚାଳକମାନଙ୍କୁ ପୂର୍ବରୁ ସୂଚିତ କରାଯିବା କଥା। ଯଦି କୌଣସି କାରଣରୁ ଏହି ରଙ୍ଗ ବ୍ୟବହାର କରାଯାଇ ନ ଥାଏ ତେବେ ସ୍ୱତନ୍ତ୍ର ନାଲି କିମ୍ବା ହଳଦିଆ ରଙ୍ଗର ରେଡିୟମ୍ ପ୍ଲାଷ୍ଟିକ ସୋଲ ବ୍ୟବହାର କରିବା ନିୟମ ରହିଛି। କିନ୍ତୁ ସ୍ଥାନୀୟ ପ୍ରଶାସନ ଏଠାକାର ରାସ୍ତାରେ ଥିବା ହମ୍ପ୍‌ସଗୁଡିକ ପ୍ରତି ଦୃଷ୍ଟି ଦେଇପାରିନାହିଁ। ରାଉରକେଲା ଏସ୍‌ଟିଆଇ ଓଭରବ୍ରିଜ୍ ରାସ୍ତାର ଅବତରଣ ଓ ଆହୋରଣ ଉଭୟ ସ୍ଥାନରେ ୩ଟି ହମ୍ପ୍‌ସ ରହିଥିବାବେଳେ ଏଠାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଯାନବାହନ ଯାତାୟାତ କରୁଥିବାବେଳେ ଏଠାରେ ଥିବା କୌଣସି ହମ୍ପ୍‌ସରେ ସାଙ୍କେତିକ ଚିହ୍ନ ନ ଲଗାଇ ଛାଡି ଦିଆଯାଇଛି। ବିଶେଷ କରି ରାତି ସମୟରେ ଏହି ହମ୍ପ୍‌ସ ଗୁଡିକ ଜଣାପଡୁ ନ ଥିବାରୁ ଦୁର୍ଘଟଣା ବଢୁଛି। ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ତେବେ ସହରର ଯେଉଁଠାରେ ସ୍କୁଲ, ମନ୍ଦିର ଓ ବିଶେଷ କରି ଅଧିକ ଗହଳି ରହୁଛି ସେହି ସ୍ଥାନରେ ପ୍ଲାଷ୍ଟିକ ହଳଦିଆ ରଙ୍ଗ ନିର୍ମିତ ହମ୍ପ୍‌ସ ଲଗାଇ ଲୋକଙ୍କୁ ସଚେତନ ଜାରି ରହିଛି। ଆଗକୁ ଆମ ପାଖକୁ ଅଭିଯୋଗ ଆସିଲେ ଏଥିପ୍ରତି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ରାଉରକେଲା ରାସ୍ତା ଓ କୋଠାବାଡି ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଆଲୋକ କୁମାର ନାୟକ କହିଥିଲେ। ଏ ସମ୍ପର୍କରେ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା ସହରର କେଉଁ ପ୍ରମୁଖ ରାସ୍ତାର ହମ୍ପ୍‌ସରେ ସାଙ୍କେତିକ ଚିହ୍ନ ନାହିଁ ତାର ତଦନ୍ତ କରାଯିବ। ୭ ଦିନ ଭିତରେ ଉକ୍ତ ବିଭାଗୀ ଅଧିକାରୀଙ୍କୁ ଅବଗତ କରି ଏ ନେଇ ଖୁବ୍‌ଶୀଘ୍ର ଉଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ୮ରୁ ୧୦ ପୂଜାର୍ଚ୍ଚନା ସହ ପ୍ରବଚନ



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

**ମା' ତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ**

ରାଉରକେଲା,୬ା୫(ବିପ୍ଳବ ରଞ୍ଜନ ଦାଶ)

ପାନପୋଷ ରୋଡ୍ ସ୍ଥିତ ମା' ତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୮ ତାରିଖ ରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ମନ୍ଦିର ପରିସରରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମା' ତାରିଣୀ ମନ୍ଦିର ସମିତିର ସଭାପତି ନିର୍ମଳ ଚନ୍ଦ୍ର ରାଉତରାୟ, ଉପସଭାପତି ଦେବବ୍ରତ ବିହାରୀ, କାଶୀନାଥ ସାହୁ ପ୍ରମୁଖ ସୂଚନା ପ୍ରଦାନ କରି କହିଥିଲେ, ଆସନ୍ତା ୮ ତାରିଖରେ କଳସ ଯାତ୍ରା, ଜଳାଧିବାସ, କୁଣ୍ଡ ମଣ୍ଡଳୀ ପ୍ରସ୍ତୁତି, ଯଜ୍ଞାଧିବାସ, ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନେମାଳର ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଗାଦିର ପ୍ରବଚକ ସୁକାନ୍ତ ଦାସ ମହାରାଜଙ୍କ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ୯ ତାରିଖରେ ସଂକଳ୍ପ, ଘଟ ମଣ୍ଡଳ ପୂଜା, ମନ୍ଦିର ପ୍ରତିଷ୍ଠା, ପାର୍ଶ୍ୱଦେବତା ନ୍ୟାସ, ଅଗ୍ନି ସ୍ଥାପନ, ବାସ୍ତୁ ହୋମ, ମନ୍ଦିରରେ ତ୍ରିଶୂଳ ଓ ଧ୍ୱଜାରୋପଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ଭୁବନେଶ୍ୱରର ରବିନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ମଦନମୋହନ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରାଯିବ। ସେହିପରି ୧୦ ତାରିଖରେ ସୂର୍ଯ୍ୟ ମଣ୍ଡଳ ପୂଜା, ମଣ୍ଡଳାଦି ପୂଜା, ଚଣ୍ଡୀ ଯଜ୍ଞ, ପୂର୍ଣ୍ଣାହୁତି, ସନ୍ଧ୍ୟାରେ ହିନ୍ଦୀ ଭଜନ ସନ୍ଧ୍ୟା ବ୍ୟବସ୍ଥା ରହିଛି। ପୂଜାର୍ଚ୍ଚନାରେ ୧୧ ଜଣ ବ୍ରାହ୍ମଣ ଯୋଗଦେବାକୁ ଥିବାବେଳେ ନିର୍ମଳ ଚନ୍ଦ୍ର ରାଉତରାୟ ଓ ରଶ୍ମିତା ରାଉତରାୟ କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ କୀର୍ତ୍ତନ ସାମଲ, ପ୍ରଭାତ ମିଶ୍ର, ରଷିନାଥ ବିଶ୍ୱାଳ, ଅଖିଳ ଦାସ, ଲକ୍ଷ୍ମଣ ପରିଡ଼ା, ଦୁର୍ଗାଚରଣ ମହାପାତ୍ର, ବୁଦ୍ଧିରାମ ମହାନ୍ତି, ଦେବରାଜ ପାଢ଼ୀ, ଦିବ୍ୟସିଂହ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ୮ରୁ ବହୁଭାଷୀ ନାଟକ ମହୋତ୍ସବ




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୬ା୫(ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ୮ରୁ ୧୧ତାରିଖ ପର୍ଯ୍ୟନ୍ତ ପ୍ରୟାସ ରାଉରକେଲା ଆୟୋଜିତ ଚିନ୍ତା ପ୍ରତିମା ବହୁଭାଷୀ ନାଟକ ମହୋତ୍ସବ-୨୦୨୫ ସ୍ଥାନୀୟ ସିଭିକ୍ ସେଣ୍ଟରରେ ଅନୁଷ୍ଠିତ ହେବ। ଏ ନେଇ ପ୍ରୟାସ ପରିବାର ପକ୍ଷରୁ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ନାଟ୍ୟକାର ଡ. ନିବେଦିତା ଜେନା କହିଥିଲେ, ଆସନ୍ତା ୮ତାରିଖରେ ଉଦ୍‌ଘାଟନୀ ଉତ୍ସବରେ ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କ ରଚିତ ଓ ଗଙ୍ଗାଧର ରାଉତଙ୍କ ନିର୍ଦ୍ଦେଶିତ ପ୍ରୟାସ ରାଉରକେଲା ପକ୍ଷରୁ ନାଟକ 'ସମ୍ରାଟ ଅଶୋକ' ମଞ୍ଚସ୍ଥ ହେବ। ଉଦ୍‌ଘାଟନୀ ଉତ୍ସବରେ ପ୍ରଫେସର ଡ. ସମର ମୁଦାଲିଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ୯ ତାରିଖରେ ଡ. ନିବେଦିତା ଜେନାଙ୍କ ରଚିତ ଓ ହରପ୍ରସାଦ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଭରତ ବାକ୍ୟ' ଭୁବନେଶ୍ୱର କଳାକାର ଥିଏଟର ଦ୍ୱାରା ମଞ୍ଚସ୍ଥ ହେବ। ୧୦ ତାରିଖରେ ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କ ରଚିତ ଏବଂ ପଞ୍ଚାନନ ପାତ୍ରଙ୍କ ନିର୍ଦ୍ଦେଶିତ ନାଟକ 'ଶ୍ରୀମତୀ କମ୍ ନୁହଁନ୍ତି' ରାଉରକେଲାର ପରିଚୟ ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହେବ। ସେହିପରି ୧୧ ତାରିଖ ପୂର୍ବାହ୍ନ ୧୦ଟାରେ ଏକ ସେମିନାର ଓ ସନ୍ଧ୍ୟାରେ ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କ ରଚିତ ଓ ପ୍ରଶାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ 'ତିମିର ତୀର୍ଥରେ ଏକ ରାତ୍ରି' ଭୁବନେଶ୍ୱରର କଳାକାର ଏକତା ମଞ୍ଚ ପକ୍ଷରୁ ମଞ୍ଚସ୍ଥ କରାଯିବ। ଉଦଯାପନୀ ଉତ୍ସବରେ ନାଟକ ପ୍ରତି ସମର୍ପିତ ଅଚ୍ଛୁ ପ୍ରଧାନଙ୍କୁ ସମ୍ମାନିତ କରାଯିବ। ସେହିପରି ଅତିଥିମାନଙ୍କ ଦ୍ୱାରା ଏକ ପୁସ୍ତକ ମଧ୍ୟ ଉନ୍ମୋଚିତ ହେବ। ପ୍ରାରମ୍ଭରେ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ, ଅତିଥି ପରିଚୟ, ନାଟ୍ୟପ୍ରେମୀ ଶରତ ଦାସ ଚିନ୍ତାମଣିଙ୍କ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ଡ. ସମର ମୁଦାଲି ଚିନ୍ତାମଣିଙ୍କ ଜୀବନାଦର୍ଶ, ତାଙ୍କ ପରମ୍ପରା ଓ ଆଧୁନିକତାର ସମନ୍ୱୟ ଓ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଗଙ୍ଗାଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ବିଶୋଇ, ପ୍ରଳୟ ଶତପଥୀ, ପଞ୍ଚାନନ ପାତ୍ର, ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମୋବାଇଲ ଲୁଟ୍, ଯୁବକ ଗିରଫ

**ରାଉରକେଲା,୬ା୫(ଦିନେଶ ମିଶ୍ର):** ଟ୍ରେନ୍ ଯାତ୍ରୀ ରାଉରକେଲା ମେନ୍‌ରୋଡ୍‌ର ଅନୀଲ ରାଠୋରଙ୍କ ଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ଜିଆର୍‌ପି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାଜଗାଙ୍ଗପୁର ଅଞ୍ଚଳର ଏମ୍‌ଡି ଗୁଲାବ(୨୪)। ଏ ନେଇ ଏକ ମାମଲା (ନଂ.୪୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

# ଛତୁଚାଷ ଦେଇଛି ପରିଚୟ, ରୋଜଗାର

ରାଉରକେଲା,୬ା୫(ବିପ୍ଳବ ରଞ୍ଜନ ଦାଶ)



ଛତୁଚାଷ କ୍ଷେତ୍ରରେ ଶୁଚିସ୍ମିତା।

ମନରେ ଦୃଢ ଇଚ୍ଛାଶକ୍ତି ଥିଲେ ସଫଳତା ନିଶ୍ଚିତ। କେବଳ ଚାକିରି କରି ଅର୍ଥ ଉପାର୍ଜନ କରିବା ଆଜିର ଯୁଗରେ ଏକମାତ୍ର ସାଧନ ହୋଇ ଆଉ ରହିନାହିଁ। ମନରେ ଦୃଢତା ରହିଲେ ଯେକୌଣସି କାର୍ଯ୍ୟ କରି ମଧ୍ୟ ବେଶ୍ ରୋଜଗାର କରାଯାଇପାରେ। ଯାହାକୁ ପ୍ରମାଣିତ କରିଛନ୍ତି ଛେଣ୍ଡ ଅଞ୍ଚଳର ମହିଳା ଶୁଚିସ୍ମିତା ମହାନ୍ତି। ଶୁଚିସ୍ମିତା ଖୁବ୍ କମ୍ ସମୟରେ ଛତୁ ଚାଷ ସହ ମଞ୍ଜି ପ୍ରସ୍ତୁତ କରି ସହରର ଜଣେ ଉଦ୍ୟୋଗୀ ଭାବେ ନିଜ ପରିଚୟ ସୃଷ୍ଟି କରିପାରିଛନ୍ତି।

ଶୁଚିସ୍ମିତା ବେଦବ୍ୟାସର ନଦୀଟୋଲାରେ ତାଙ୍କ ଛତୁ ଚାଷ ସହ ଛତୁ ମଞ୍ଜି ଉତ୍ପାଦନ ୟୁନିଟ୍ ଖୋଲିଛନ୍ତି। ସେଠାରେ ତାଙ୍କ ସ୍ୱାମୀ ସୁରେଶ କୁମାର ମହାନ୍ତିଙ୍କର ଜାଗା ରହିଥିବାରୁ ଶୁଚିସ୍ମିତାଙ୍କ ପାଇଁ ନଦୀଟୋଲା ରୋଜଗାରସ୍ଥଳୀ ପାଲଟିଛି। ପ୍ରଥମେ ଏହି ଫାର୍ମ ପ୍ରସ୍ତୁତିରେ ସେ ୫୦ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ତାଙ୍କୁ ରାଉରକେଲା ଉଦ୍ୟାନ ବିଭାଗ ପକ୍ଷରୁ ପ୍ରୋତ୍ସାହନ ମିଳିଥିଲା। ଏହାପରେ ଶୁଚିସ୍ମିତା ଆଗକୁ ବଢିଚାଲିଲେ। ବିଭିନ୍ନ ପ୍ରକାର ବାଧାବିଘ୍ନ ମଧ୍ୟରେ ସେ ନିରାଶ ନ ହୋଇ ନିଜର ଦୃଢ ଇଚ୍ଛାଶକ୍ତି ବଳରେ ନିଜ ବ୍ୟବସାୟ ଉପରେ ଧ୍ୟାନ ଦେଲେ। ବର୍ତ୍ତମାନ ସେ ମାସିକ ୩୫ହଜାରରୁ ଊର୍ଦ୍ଧ୍ୱ ଛତୁମଞ୍ଜି ବୋତଲ ସହ ଦୈନିକ ୧୫ କିଲୋ ଲେଖାଏଁ ଛତୁ ଅମଳ କରୁଛନ୍ତି। ଏଭଳି ଭାବେ ସେ ପ୍ରତି ମାସରେ ୩୦ରୁ ୪୦ହଜାର ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ଉତ୍ପାଦିତ ଛତୁ ମଞ୍ଜି ସମଗ୍ର ସୁନ୍ଦରଗଡ ଜିଲା ସମେତ ବେଲପାହାଡ, ବଲାଙ୍ଗୀର, ବଣେଇ ଓ ଅନୁଗୁଳ ଆଦି ଅଞ୍ଚଳକୁ ମଧ୍ୟ ଯାଉଛି। ସେହିପରି ଛତୁ ଚାଷ କରିବାକୁ ଇଚ୍ଛୁକ ଥିବା ଚାଷୀମାନଙ୍କୁ ଛତୁଚାଷ ଜନିତ ତାଲିମ ସହ ସମସ୍ତ ପ୍ରକାର ସହଯୋଗ ମଧ୍ୟ ଯୋଗାଇ ଦେଉଛନ୍ତି ଶୁଚିସ୍ମିତା।

ଶୁଚିସ୍ମିତା ଜଣେ ଗ୍ରାଜୁଏଟ ଏବଂ ମେଧାବୀ। ସେ ସରକାରୀ ଚାକିରି ପଛରେ ନ ଗୋଡାଇ ନିଜକୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ନିଷ୍ପତ୍ତି ନେଇ ଛତୁଚାଷ ଆରମ୍ଭ କରିଥିଲେ। ଏବେ ସେ ଜଣେ ସଫଳ ଛତୁ ଓ ଛତୁ ମଞ୍ଜି ଉତ୍ପାଦନକାରୀ ହୋଇପାରିଛନ୍ତି। ବର୍ତ୍ତମାନ ଉତ୍କୃଷ୍ଟ ଛତୁ ମଞ୍ଜି ଏବଂ ଛତୁ ଚାଷ ପାଇଁ ଶୁଚିସ୍ମିତା କେବଳ ରାଉରକେଲା ନୁହେଁ ବରଂ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ପରିଚିତ ହୋଇପାରିଛନ୍ତି। ଏଥିପାଇଁ ତାଙ୍କୁ ସ୍ୱାମୀଙ୍କ ସହ ପରିବାର ଲୋକେ ସମର୍ଥନ କରୁଛନ୍ତି। ଶୁଚିସ୍ମିତାଙ୍କ ଏହି ସଫଳତା ନିଶ୍ଚିତ ଭାବେ ଚାକିରି ପଛରେ ଗୋଡାଇ ନିରାଶ ହେଉଥିବା ଶିକ୍ଷିତ ଯୁବତୀଯୁବକମାନଙ୍କ ପାଇଁ ପ୍ରେରଣା ସାଜିବ ବୋଲି ଚର୍ଚ୍ଚା ହେଉଛି।

DSPL-55
ଖରାଦିନେ ଏ.ସି.ର ସଠିକ ବ୍ୟବହାର କରି ବିଦ୍ୟୁତ୍ ବିଲ୍ କମ୍ କରନ୍ତୁ, ଏବଂ ପରିବେଶକୁ ସୁରକ୍ଷିତ ରଖନ୍ତୁ
- ବି.ଇ.ଇ. (BEE)ପଞ୍ଚ ତାରକା (5 STAR) ବିଶିଷ୍ଟ ଶକ୍ତି ଦକ୍ଷତା ସମ୍ପନ୍ନ ଏ.ସି. ବ୍ୟବହାର କରନ୍ତୁ ।
- ଏ.ସି.ର ଫିଲ୍ଟରକୁ ନିୟମିତ ଭାବରେ ସଫା କରନ୍ତୁ ।
- ଏ.ସି.ର ତାପମାତ୍ରା ସର୍ବନିମ୍ନ ୨୪°C ରଖନ୍ତୁ । ଏ.ସି.ର ତାପମାତ୍ରା ୧°C ବୃଦ୍ଧି କଲେ ୬% ବିଦ୍ୟୁତ୍ ସଞ୍ଚୟ ହୁଏ ।
- ଅତି ଆବଶ୍ୟକତା ନଥିଲେ ଏ.ସି. ଚଲାନ୍ତୁ ନାହିଁ ।
୨୬°
ଅଧିକ ତାରକା ଅଧିକ ସଞ୍ଚୟ
୧ ୟୁନିଟ୍ ଶକ୍ତି ସଞ୍ଚୟ,୨ ୟୁନିଟ୍ ଶକ୍ତି ଉତ୍ପାଦନ ସହ ସମାନ
ଶକ୍ତି ବିଭାଗ, ଓଡିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ
OIPR-04066/13/0023/2526

# ମକ୍‌ଡ୍ରିଲ ପାଇଁ ଅପରାହ୍ନ ୪ଟାରେ ବାଜିବ ସାଇରନ



ଜିଲାପାଳ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସୂଚନା ଦେଉଛନ୍ତି ।

## ଲକ୍ଷ୍ମୀ ଟକିଜ ଛକରୁ ରେଳ ଷ୍ଟେଶନ ରାସ୍ତାରେ ହେବ ମକ୍‌ଡ୍ରିଲ

**ସମ୍ବଲପୁର, ୬।୫(ଭବାନୀ ଶଙ୍କର ଭୋଇ)**

ରାଜ୍ୟର ୧୨ଟି ଜିଲାରେ ବୁଧବାର ସିଭିଲ ଡିଫେନ୍ସ ମକ୍‌ଡ୍ରିଲ କରାଯିବ। ସେହିକ୍ରମରେ ସମ୍ବଲପୁରରେ ହେବାକୁ ଥିବା ମକ୍‌ଡ୍ରିଲ ପାଇଁ ପ୍ରଶାସନ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ବି କ୍ୟାଟାଗୋରୀରେ ଆସୁଛି। ଯୁଦ୍ଧ ସ୍ଥିତି ଉପୃନ୍ନ ହେଲେ ଶତ୍ରୁ ଦେଶ ପକ୍ଷରୁ ହୀରାକୁଦକୁ ଟାର୍ଗେଟ କରାଯିବା ଆଶଙ୍କା ରହିଛି। ବୁଧବାର ଅପରାହ୍ନ ୪ଟାରେ ସହରର ଲକ୍ଷ୍ମୀ ଟକିଜ ଛକରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତାରେ ମକ୍‌ଡ୍ରିଲ ହେବ। ୪ଟାରୁ ୫ଟା ମଧ୍ୟରେ ପ୍ରଥମ ସାଇରନ ବାଜିଲେ ଲୋକେ ସୁରକ୍ଷିତ ସ୍ଥାନରେ ଅର୍ଥାତ ନିଜ ଘରେ କିମ୍ବା କୌଣସି କୋଠାରେ ଯାଇ ପରବର୍ତ୍ତୀ ସାଇରନ ବାଜିବା ପର୍ଯ୍ୟନ୍ତ ଅପେକ୍ଷା କରିବେ। ଏଥିପାଇଁ ଅଗ୍ନିଶମ ବିଭାଗ ସହଯୋଗରେ ଲକ୍ଷ୍ମୀ ଟକିଜ ଛକଠାରୁ କ୍ଷେତରାଜପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସାଇରନ ବ୍ୟବସ୍ଥା କରାଯିବ । ଏହାସହ ସିଟି ମଲକୁ ଆସୁଥିବା ଲୋକଙ୍କୁ ମଧ ଏହି ମକ୍‌ଡ୍ରିଲରେ ସାମିଲ କରାଯିବ। ମକ୍‌ଡ୍ରିଲରେ ଲୋକେ କ'ଣ କରିବେ ସେନେଇ ଅବଗତ କରାଯିବ। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ, ପୋଲିସ ସମେତ ପ୍ରଶାସନର କର୍ମଚାରୀମାନେ ସାମିଲ ରହିବେ। ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ବଲପୁର ସହରର ଜନ ସାଧାରଣଙ୍କୁ ମକଡ୍ରିଲରେ ସାମିଲ ହୋଇ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। କେହି ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ରେଡକ୍ରସ ଛାତ୍ରୀଛାତ୍ରମାନେ ସହଯୋଗ କରିବେ। ଦ୍ୱିତୀୟ ସାଇରନ ବାଜିବା ପର୍ଯ୍ୟନ୍ତ ରାସ୍ତା ଶୂନଶାନ ରହିବ। ଲୋକେ ରାସ୍ତାକୁ ଆଦୌ ବାହାରିବେ ନାହିଁ, ଯାାରା ଆପଦପୂର୍ଣ୍ଣ ପରିସ୍ଥିତିହେଲେ ଜନସାଧାରଣଙ୍କ ସୁରକ୍ଷା ନେଇ ପୂର୍ବରୁ ଲୋକେ ଏହାକୁ ଉପଯୋଗ କରିପାରିବେ। ଦ୍ୱିତୀୟ ସାଇରନ ବାଜିବା ପରେ ଲୋକେ ସ୍ୱାଭାବିକ ଭାବେ ନିଜ କାମ କରିପାରିବେ। ସମାନ ସମୟରେ ହୀରାକୁଦ ସହରରେ ମଧ ମକ୍‌ଡ୍ରିଲ କରାଯିବା ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ପ୍ରସ୍ତୁତି ବୈଠକରେ ଏସ୍‌ପି ମୁକେଶ ଭାମୁ, ମହାନଗର କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲାପାଳ ସୁଧାଂଶୁ ଶେଖର ଭୋଇ, ଅଶୋକ ଭୋଇ, ଜିଲାପରିଷଦ ନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ରହିଥିଲେ।

# କଠିନ ପରିଶ୍ରମ ଶିଖର ଛୁଇଁବାର ମାଧ୍ୟମ



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନେ ।

## ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ସମ୍ବଲପୁର,୬।୫(ବି.ଶଙ୍କର)**

ସମ୍ବଲପୁର ଦେହେରିପାଲି ସ୍ଥିତ ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁବ୍ରତା ପତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସତ୍ୟକୁମାରୀ ବିଶ୍ୱାଳ ମୁଖ୍ୟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ନରେନ୍ଦ୍ର କୁମାର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ମାଟ୍ରିକ ପରିକ୍ଷାରେ ଏ-୧ ସ୍ଥାନ ହାସଲ କରିଥିବା ଶୁଭଶ୍ରୀ ବାରିକ ଏବଂ ଏ-୨ ଛାତ୍ରୀ କାଜଲ ଶର୍ମାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସରେ ସଫଳତା ମିଳିଥାଏ। ସଫଳତା ସକାଶେ କୌଣସି ପ୍ରକାର ସୁଦୃଢ଼ ଆର୍ଥିକ ସ୍ଥିତିର ଆବଶ୍ୟକତା ଜରୁରି ନୁହେଁ। ତେଣୁ ଛାତ୍ରୀମାନେ ସର୍ବଦା ପାଠ ପଢ଼ାରେ ପରିଶ୍ରମ କରିବା ଆବାଶ୍ୟକତା ରହିଛି। ଯଦ୍ୱାରା ସେମାନେ ଭବିଷ୍ୟତରେ ନିଶ୍ଚିତ ଭାବେ ଶିଖରକୁ ଛୁଇଁ ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପାଢ଼ୀ ଓ ସଂସ୍କୃତ ଶିକ୍ଷୟତ୍ରୀ ସୁରମା ଗଡନାୟକ ପରୀକ୍ଷାକୁ ଛାତ୍ରୀମାନେ କିପରି ସମ୍ମୁଖୀନ ହୋଇ ସଫଳତା ହାସଲ କରିବେ ସେନେଇ ମତବ୍ୟକ୍ତ କରିଥିଲେ । ଖେଳ ଶିକ୍ଷକ ଭୀମସେନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୦ରେ ସମ୍ବଲପୁର ଆସିବେ ଅମିତ ଶାହା

- ପିଏଚ୍‌ଡି ପଡିଆରେ ଏକ ସାଧାରଣ ସଭାରେ ଯୋଗଦେବେ
- ସଭାମଞ୍ଚରୁ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବେ

**ସମ୍ବଲପୁର,୬।୫(ଭବାନୀ ଶଙ୍କର ଭୋଇ)**

ଆସନ୍ତା ୧୦ ତାରିଖରେ ସମ୍ବଲପୁର ଗସ୍ତରେ ଆସିବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା। ଉକ୍ତଦିନ ଅପରାହ୍ନ ୨ଟା ୫୦ରେ ସମ୍ବଲପୁର ପହଞ୍ଚିବା ପରେ ୫ଟା ୩୦ ଯାଏ ସମ୍ବଲପୁରରେ ରହିବାର କାର୍ଯ୍ୟକ୍ରମ ରହିଥିବା ଏସପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ସେହିଦିନ ଅପରାହ୍ନ ୩ଟା ୩୦ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅଇଁଠାପାଲି ପିଏଚ୍‌ଡି ପଡିଆରେ ଏକ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ଜନ ପ୍ରତିନିଧିମାନେ ଯୋଗଦେବେ। ପିଏଚ୍‌ଡି ପଡିଆରେ ଆୟୋଜିତ ସାଧାରଣ ସଭାରେ ଭିମସାର ସୁପର ସ୍ପେଶାଲିଟି ହସ୍ପିଟାଲ, ଦୁର୍ଗାପାଲି ଓଭର ବ୍ରିଜ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଗସ୍ତ ଅବସରରେ ଶାହା ଇଷ୍ଟଦେବୀ ମା' ସମଲେଇଙ୍କ ଦର୍ଶନ କାର୍ଯ୍ୟକ୍ରମ ମଧ ରହିଛି। ଏଥିପାଇଁ ଜିଲା ପୋଲିସ ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଥିବା ଏସ୍‌ପି କହିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲାରୁ ଆସିବାକୁ ଥିବା ଲୋକଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଥିବା ଭାଜପା ରାଜ୍ୟ ଉପାଧକ୍ଷ ନାଉରୀ ନାୟକ ସୂଚନା ଦେଇଛନ୍ତି। ପୂର୍ବରୁ ମେ ୧୧ରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ ରହିଥିବା ନେଇ ଚର୍ଚ୍ଚା କରାଯାଇଥିଲା। ତେବେ ଏହି ଗସ୍ତ ୧୧ ବଦଳରେ ୧୦ ତାରିଖରେ ହେବା ନେଇ ଭାଜପା ପକ୍ଷରୁ ସ୍ପଷ୍ଟ କରାଯାଇଛି।



**ଭକ୍ତି ଓ ବିଶ୍ୱାସ:** ସମ୍ବଲପୁର ବୁଢ଼ାରଜା ରାସ୍ତାରେ ମଙ୍ଗଳବାର ଅପରାହ୍ନ ୨ଟାରେ ପ୍ରଚଣ୍ଡ ରୌଦ୍ର ତାପ ସତ୍ତ୍ୱେ ବନାରସରୁ ଆସିଥିବା ହାତୀ ସମ୍ମୁଖରେ ଜଣେ ଭକ୍ତ ମୁଣ୍ଡିଆ ମାରୁଛନ୍ତି।

# ଘର ଭାଙ୍ଗି ଧାନ, ଚାଉଳ ଖାଇଲା ହାତୀ

**ନାକଟିଦେଉଳ,୬।୫(ବୈକୁଣ୍ଠନାଥ ସାହୁ)**



ହାତୀ ଘର କାନ୍ଥଭାଙ୍ଗି ଦେଇଛି ।

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳରେ ଗତ କିଛି ଦିନ ହେଲା ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ବିଶେଷ କରି ଦନ୍ତାହାତୀର ଉତ୍ପାତ ଲୋକଙ୍କ ନିଦ ହଜାଉ ଦେଇଛି। ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ବାଟଗାଁ ଫରେଷ୍ଟ ସେକ୍ସନର କେଲୋବେର୍ଣ୍ଣ ଗ୍ରାମରେ ଏହି ଦନ୍ତା ପଶି ବ୍ୟାପକ କ୍ଷୟକ୍ଷତି ଘଟାଇବା ସହିତ ଲୋକଙ୍କ ଘର ଦ୍ୱାର ଭାଙ୍ଗି ଦେଇଛି । ଜଙ୍ଗଲ ବିଭାଗ ଏବଂ ସାଧାରଣ ଜନତାଙ୍କ ନିଦ ହଜାଇ ଦେଇଥିବା ଏହି ଗୋଟିକିଆ ଦନ୍ତା ସୋମବାର ଭୋର ପ୍ରାୟ ୪ଟାରେ ବେଲେବେର୍ଣ୍ଣ ଗ୍ରାମରେ ପଶି ଭାସ୍କର ନାଏକ ଏବଂ ଗୌରୀ ନାଏକଙ୍କ ଘର ଭାଙ୍ଗି ଦେଇଥିଲା । ଦନ୍ତା ଗୌରୀଙ୍କ ପଥର କାନ୍ଥ ଭାଙ୍ଗି ଦୁଇ ବସ୍ତା ଧାନ ଓ ଚାଉଳ ଖାଇ ଯାଇଥିଲା । ଏଥି ସହିତ ନିକଟସ୍ଥ ଭାସ୍କର ନାଏକଙ୍କ ଘରର ଟାଇଲ ଛପର ଭାଙ୍ଗି ରୁଜି ଦେଇଥିଲା। ଘରର ପଛ ପାଖ କାନ୍ଥ ହାତୀ ଭାଙ୍ଗୁଥିବା ବେଳେ ଭିତରେ ଶୋଇଥିବା ଗୌରୀଙ୍କ ପରିବାର ଲୋକେ ଜାଣି ପାରି ବାହାରକୁ ବାହାରି ଗାଁ ଲୋକଙ୍କୁ ଡାକ ପକାଇଥିଲେ । ଅପର ପକ୍ଷରେ ଏହି ଦନ୍ତା ଗ୍ରାମର ଭାଗିରଥି ଧଳଙ୍କ ବାଡ଼ିରେ ପଶି ଆଖୁ, କଦଳୀ ଏବଂ ବିଲାତି ଆଳୁ ଚାଷକୁ ବ୍ୟାପକଭାବେ କ୍ଷତି ଘଟାଇଥିବା ଅଭିଯୋଗ ହୋଇଛି। ହାତୀ ଉପଦ୍ର ସମ୍ପର୍କରେ ଖବର ପାଇ ବାଟଗାଁ ସେକ୍ସନର ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଦନ୍ତାକୁ ଘଉଡ଼ାଇଥିଲେ। ବାଟଗାଁ ଫରେଷ୍ଟର ଦିଲ୍ଲୀପ କୁମାର ବେହେରା ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେଲା ଏହି ଦନ୍ତା ହାତୀ ନାକଟିଦେଉଳ ଅଞ୍ଚଳର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟାଇବା ସହ ଲୋକଙ୍କ ଘର ଦ୍ୱାର ଭାଙ୍ଗି ରୁଜି ଦେଉଛି ।

# ଏଫ୍‌ଏମ୍‌ଟି ପାଇଁ ବୁର୍ଲା ଗଲା ମହିଳାଙ୍କ ମୁଣ୍ଡ, ହାଡ଼

## ଜଙ୍ଗଲରୁ ଗଳିତ ମୃତଦେହ ଜବତ ଘଟଣା

**କୁଚିଣ୍ଡା, ୬।୫(ବିରଞ୍ଚି ଦର୍ବା)**

ସମ୍ବଲପୁର ଜିଲା ମହୁଲପାଲି ଥାନା ବେତଝରନ ଜଙ୍ଗଲରୁ ରବିବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ଗଳିତ ମୃତଦେହ ଜବତ କରିଥିଲା। ମୃତ ମହୁଲପାଲି ଥାନା ବେତଝରନ ଗ୍ରାମର ରବି ମୁଣ୍ଡାଙ୍କ ସ୍ତ୍ରୀ ମଞ୍ଜରୀ (୪୫)। ମୃତକଙ୍କ କାକା ଏଡୁଆ ମୁଣ୍ଡାଙ୍କ ଏତଲା କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସୋମବାର କୁଚିଣ୍ଡା ମେଡିକାଲକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ନେଇଥିଲା। ହେଲେ ମୃତଦେହ ପଚିଶଡି ଯାଇଥିବାରୁ ଭିମସାରକୁ ଏଫ୍‌ଏମଟି ପାଇଁ ମୁଣ୍ଡ ଓ ହାଡ ପଠାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବେତଝରନ ଗ୍ରାମର ରବି ମୁଣ୍ଡା ନିଜ ଗାଁର ମଞ୍ଜରୀଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇପୁଅ ଅଛନ୍ତି। ସ୍ୱାମୀସ୍ତ୍ରୀ ଉଭୟଙ୍କ ମଧ୍ୟରେ ସବୁବେଳେ କଳିଝଗଡା ଲାଗିରହୁଥିଲା। ଏହାକୁ ନେଇ ତିନିମାସ ହେବ ମଞ୍ଜରୀ ଘର ଛାଡି କୁଆଡେ ଚାଲି ଯାଇଥିଲେ। ହେଲେ ରବିବାର ସକାଳେ ବେତଝରନ ଜଙ୍ଗଲକୁ କେନ୍ଦୁପତ୍ର ତୋଳାଳିମାନେ କଟୁଘାଟ ଅଞ୍ଚଳର ଏକ(ଡମକୁର୍ଲୁ) ଗଛରେ ମୁଣ୍ଡ ଓ ଗଛ ତଳେ ହାଡ ପଡିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ରବି ଏବଂ କାକା ଶ୍ୱଶୁର ଏଡୁଆ ମୁଣ୍ଡା ପରିବାର ସହ ଘଟଣାସ୍ଥଳକୁ ଯାଇ ଶାଢୀରୁ ଏହା ମଞ୍ଜରୀଙ୍କ ଅସ୍ଥି କଙ୍କାଳ ବୋଲି ଜାଣି ପୋଲିସକୁ ଖବର ଦେଇଥିଲେ। ମହୁଲପାଲି ପୋଲିସ ସମ୍ବଲପୁରରୁ ସାଇଣ୍ଟିଫିକ ଟିମସହ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ବେତଝରନ ଗ୍ରାମରୁ ପ୍ରାୟ ୨କିମି ଦୂର ସଂରକ୍ଷିତ ଜଙ୍ଗଲରୁ ଅସ୍ଥି କଙ୍କାଳ ମିଳିବା ଘଟଣା ଭିନ୍ନ ଦିଗକୁ ଇସାରା କରୁଛି। ଏଫଏମଟି ରିପୋର୍ଟ ଆସିବା ପରେ କେତେ ଦିନ ପୂର୍ବରୁ ମହିଳାଙ୍କ ମୃତ୍ୟୁ ଘଟିଛି ଓ କିପରି ଘଟିଛି ସ୍ପଷ୍ଟ ଜଣା ପଡିବ ବୋଲି ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କା କହିଛନ୍ତି।




# ପ୍ରତ୍ନତାତ୍ତ୍ୱିକ ଖନନ ଅନାଲୋଚିତ ତଥ୍ୟ ସାମ୍ନାକୁ ଆଣୁଛି



ଆଲୋଚନାଚକ୍ରରେ ଅତିଥି, ବକ୍ତା ଏବଂ ଛାତ୍ରୀଛାତ୍ରମାନେ।

## ଜିଏମ୍‌ୟୁ ଇତିହାସ ବିଭାଗରେ ଆଲୋଚନାଚକ୍ର

**ସମ୍ବଲପୁର,୬।୫(ବି.ଶଙ୍କର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ଇତିହାସ ବିଭାଗରେ ଆଲୋଚନା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିସହ କାର୍ଯ୍ୟକ୍ରମର ରୂପରେଖ ଏବଂ ଲକ୍ଷ୍ୟ ବିଷୟରେ ଛାତୀଛାତ୍ରମାନଙ୍କୁ ବୁଝାଇଥିଲେ । ଇତିହାସ ବିଭାଗ ଦ୍ୱାରା ଚାଲୁଥିବା ବିଭିନ୍ନ ସର୍ବେକ୍ଷଣ ଉତଖନନ ଏବଂ ସଂଗୋଷ୍ଠୀରୁ କିପରି ନୂଆ ଅନାଲୋଚିତ ତଥ୍ୟ ଲୋକଲୋଚନକୁ ଆସୁଛି ତାହା ଉପରେ ସେ ମତ ରଖିଥିଲେ। ମୁଖ୍ୟବକ୍ତାଭାବେ ଐତିହାସିକ, ବୌଦ୍ଧ ଗବେଷକ ତଥା ଭାରତର ଆଗଧାଡିର ପ୍ରତ୍ନତତ୍ତ୍ୱବିଦ୍ ପ୍ରଫେସର ଡ.ସୁନୀଲ କୁମାର ପଟ୍ଟନାୟକ ଯୋଗଦେଇ ଓଡ଼ିଶାରେ ଚାଲୁଥିବା ନୂତନ ପ୍ରତ୍ନତାତ୍ତ୍ୱିକ ଖନନ ଏବଂ ଗବେଷଣା ଦ୍ୱାରା କିପରି ଖାଲି ଓଡ଼ିଶା ନୁହେଁ ବିଶ୍ୱ ଇତିହାସରେ ନୂତନ ସ୍ଥାନ ଗ୍ରହଣ କରିଛି ତାହା ଉପରେ ମତ ରଖିଥିଲେ । ପ୍ରଫେସର ପଟ୍ଟନାୟକ ପ୍ରଥମ ଥର ପାଇଁ ତାଙ୍କର ଗବେଷଣା ଏବଂ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଦ୍ୱାରା ପ୍ରାଚୀନ ଉତ୍ତର ପଥ ଏବଂ ଦକ୍ଷିଣ ପଥ ସହିତ ପୂର୍ବ ପଥ ଥିଲା ବୋଲି ତଥ୍ୟ ସହିତ ପ୍ରମାଣ ଉପସ୍ଥାପନା କରିଥିଲେ । ପ୍ରକୃତ ପକ୍ଷେ ପ୍ରାଚୀନ ଇତିହାସରେ ପୂର୍ବ ପଥର ଯୋଗଦାନ ଅତୁଳନୀୟ ବୋଲି ପ୍ରଫେସର ପଟ୍ଟନାୟକ ମତବ୍ୟକ୍ତ କରିଥିଲେ । ଏଇ କାର୍ଯ୍ୟକ୍ରମରେ ଇତିହାସ ବିଭାଗର ସହାୟକ ପ୍ରାଧ୍ୟାପକ ଡ. ପରାମତପ ପ୍ରଧାନ, ଅତିଥି ଅଧ୍ୟାପକ ଅଞ୍ଜଳି ରାଣୀ, ଗବେଷକ ଦିବ୍ୟରଞ୍ଜନ ତ୍ରିପାଠୀ, ଅର୍ପିତା ପରିଚ୍ଛା, ରେଶମ ୟାଶମିନି , ସମ୍ବିତ କୁମାର ମେସୁଆ ଏବଂ ଶୁଚିସ୍ମିତା ନାୟକ ଉପସ୍ଥିତ ଥିଲେ। ଅଧ୍ୟାପିକା ଅଙ୍କିତା ପାଟଯୋଷୀ ଆଲୋଚନା ଚକ୍ର ପରିଚିଳନା କରିଥିବାବେଳେ ଡ. ସନ୍ତୋଷ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା



# କଫ୍ ସିରପ୍‌ର ମଜା

ଔଷଧର ବ୍ୟବସାୟିକ ଲାଭ ତୁଳନାରେ ମଣିଷ ଜୀବନ ଗୌଣ ହୋଇଗଲାଣି। ଯେଉଁ ଔଷଧ ଘାତକ, ତାହା ଉପରେ କାହାରି ଦୃଷ୍ଟି ନ ରହିଲା ଭଳି ମନେହେଉଛି। ଓଡ଼ିଶାରେ ବିଶେଷକରି ସମ୍ବଲପୁରରୁ ବାରମ୍ବାର ଜବତ ହେଉଥିବା କଫ୍ ସିରପ୍ ଏହା ପ୍ରମାଣ କରୁଛି। ମେ ୫ ତାରିଖରେ ସମ୍ବଲପୁର ପୋଲିସ ସହରର ବିଭିନ୍ନ ସ୍ଥାନରୁ ୫,୦୧୧ଟି କଫ୍ ସିରପ୍ ବୋତଲ ଜବତ କରିବା ସହ ୧୦ ଜଣଙ୍କୁ ଗିରଫ କରିଛି। ଏହାର ଦିନକ ପୂର୍ବରୁ ଅର୍ଥାତ୍ ମେ ୪ ତାରିଖରେ ବରଗଡ଼ ପୋଲିସ ୮୩୧ଟି କଫ୍ ସିରପ୍ ବୋତଲ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲା। ଏମାନେ ସମସ୍ତେ ଓଡ଼ିଶାର। କିନ୍ତୁ ପଶ୍ଚିମବଙ୍ଗ ହାଓ୍ୱଡ଼ାରୁ ଏମାନେ କଫ୍ ସିରପ୍ ଆଣି ସମ୍ବଲପୁରର ବିଭିନ୍ନ ସ୍ଥାନରେ ବିକ୍ରି କରିଥା'ନ୍ତି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସମ୍ବଲପୁରରେ ଏହା ପ୍ରଥମ ଘଟଣା ନୁହେଁ। ଅତୀତରେ ମଧ୍ୟ ବିପୁଳ ପରିମାଣରେ କଫ୍ ସିରପ୍ ଜବତ ହୋଇଛି। ଚଳିତବର୍ଷ ଫେବୃଆରୀ ୧୦ରେ ସମ୍ବଲପୁରରୁ ୧୨୮୭ ବୋତଲ ସିରପ୍ ଜବତ ହୋଇଥିଲା। ଏହା ସହ ୯ ଅକ୍ଟୋବର ୨୦୨୩ରେ ୫ ହଜାରରୁ ଅଧିକ ଏବଂ ୨୫ ମାର୍ଚ୍ଚ ୨୦୨୪ରେ ପାଖାପାଖି ୧୬ ହଜାର କଫ୍ ସିରପ୍ ବୋତଲ ଜବତ ହେବା ବେଧଡ଼କ ବେଆଇନ କାରବାରକୁ ସୂଚିତ କରୁଛି। ଦେଖିବାକୁ ଗଲେ ସମ୍ବଲପୁର କଫ୍ ସିରପ୍‌ର ପେଣ୍ଠ ପାଲଟିଗଲାଣି। ଏବେ ସମ୍ବଲପୁରରୁ ମୁଖ୍ୟତଃ କୋରାକ୍ସ ଓ ୱିନ୍ସିରେକ୍ସ କଫ୍ ସିରପ୍ ଜବତ ହେଉଛି। ବିନା ପ୍ରେସ୍କ୍ରିପ୍‌ସନରେ ଏସବୁ ବିକ୍ରି କରାଯାଇପାରିବ ନାହିଁ। କିନ୍ତୁ ଚୋରାରେ ଏହାକୁ ମାଦକ ଦ୍ରବ୍ୟ ଅର୍ଥାତ୍ ନିଶା ଦ୍ରବ୍ୟ ଭାବେ ବିକ୍ରି କରାଯାଉଛି। ପୂର୍ବରୁ ବଲାଙ୍ଗୀରରେ ନକଲି ଔଷଧ ପ୍ରସ୍ତୁତକର୍ତ୍ତାମାନେ ସକ୍ରିୟ ଥିଲେ। ଏବେ ବାହ୍ୟ ରାଜ୍ୟଠାରୁ ଅସଲି ଔଷଧ କିଣି ଆଣି ମାଦକ ଦ୍ରବ୍ୟ ଭାବେ ବିକ୍ରି କରିବାରେ ନୂଆ ଗ୍ୟାଙ୍ଗ ଗଢ଼ି ଉଠିଲାଣି। ଏଥିସହିତ ନିଶା ସେବନକାରୀମାନେ ବିନା ପ୍ରେସ୍କ୍ରିପ୍‌ସନରେ ଏହିସବୁ କଫ୍ ସିରପ୍ କିଣି ନେଇଯାଉଛନ୍ତି। ଏହିସବୁ ସିରପ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ, ବିଶେଷକରି ପିଲାମାନଙ୍କ ପାଇଁ ଘାତକ।

ସମ୍ବଲପୁରରୁ ଜବତ ହେଉଥିବା କଫ୍ ସିରପ୍ ମାମଲାରେ ବେଆଇନ କାରବାରରେ ଜଡ଼ିତ ଲୋକଙ୍କୁ କେବଳ ଗିରଫ କରାଗଲେ ଏହାର ସମାଧାନ ବାଟ ବାହାରିବା କଷ୍ଟକର। ଏଠାରେ କୁହାଯାଇପାରେ ଯେ, କୌଣସି ରାଜ୍ୟ ସରକାର କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମଧ୍ୟ କିଛି ପରିବର୍ତ୍ତନ ଦେଖାଯିବ ନାହିଁ। ଯେଉଁ ଔଷଧ କାରଖାନାରେ ଏସବୁ କାଶ ଔଷଧ ନିର୍ମିତ ହେଉଛି, ସେଠାରେ କୌଣସି ବେଆଇନ କାର୍ଯ୍ୟ ହେଉଥିବାର ପ୍ରମାଣ ମିଳିବା ଅସମ୍ଭବ। ଏହି ଉପଦ୍ରବକୁ ରୋକିବା ପାଇଁ ପୋଲିସର ଭୂମିକା ଅତ୍ୟନ୍ତ ଅର୍ଥହୀନ। କାରଣ ପୋଲିସ କିଛି କରିପାରିବ ନାହିଁ। ଗୋଟିଏ ପଟେ ନିଶାସକ୍ତଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ସହିତ ଅନ୍ୟପଟେ ଡ୍ରଗ୍ ଇନ୍ସପେକ୍ଟରମାନଙ୍କ ଦ୍ୱାରା କଡ଼ାକଡ଼ି ନିରୀକ୍ଷଣ କରାଇବା ଏକମାତ୍ର ବାଟ ବୋଲି କୁହାଯାଇପାରିବ। କାଶ ରୋକିବା ପାଇଁ ଔଷଧର ଚାହିଦା ରହିବା ସ୍ୱାଭାବିକ। ସମସ୍ୟାଟି ଉପୁଜୁଛି ଯେତେବେଳେ ତାହାର ବଦ୍‌ଉପଯୋଗ ହେଉଛି। ଭାରତରେ ତିଆରି ହେଉଥିବା କଫ୍ ସିରପ୍‌ର ଇତିହାସ ବିଦେଶରେ ମଧ୍ୟ ବଦନାମ ଅର୍ଜନ କରିଛି। ଉଦାହରଣ ସ୍ୱରୂପ, ୨୦୨୨ରେ ଗାମ୍ବିଆରେ, ଭାରତର ହରିୟାଣାରେ ଉତ୍ପାଦିତ କଫ ସିରପ୍ ସେବନ କରି ୭୦ ଜଣ ପିଲାଙ୍କର କିଡ୍‌ନୀ ନଷ୍ଟ ହେବା ସହ ମୃତ୍ୟୁ ଘଟିବା ଖବର ସାମ୍ନାକୁ ଆସିଥିଲା। ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏସବୁ ସିରପ୍‌ର ଗୁଣବତ୍ତା ମାନ ପୂରଣ କରୁ ନ ଥିବା ଦର୍ଶାଇଥିଲା। ତଥାପି ଏହାର ଉତ୍ପାଦନ ଓ ଯୋଗାଣ ଉପରେ ଅଙ୍କୁଶ ଲାଗିପାରୁନାହିଁ। କେବଳ କଫ୍ ସିରପ୍ ନୁହେଁ, ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ବିଷାକ୍ତ ଔଷଧ ବେଆଇନ ଭାବେ ବିକ୍ରି ହେଉଛି। ଗତବର୍ଷ ଶେଷାର୍ଦ୍ଧରେ ଦି ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ବା ଭାରତୀୟ ଔଷଧ ମହାନିରୀକ୍ଷକ ୧୬ଟି ଔଷଧକୁ ବିଷାକ୍ତ ଘୋଷଣା କରିଥିଲା। ଉଲ୍ଲେଖନୀୟ ଯେ, ବିଷାକ୍ତ ଘୋଷିତ ୧୬ଟି ଔଷଧ ମଧ୍ୟରେ ରକ୍ତଚାପକୁ ନିୟନ୍ତ୍ରଣରେ ରଖୁଥିବା ଗ୍ଲେନ୍‌ମାର୍କର ଟେଲ୍‌ମା ଏଚ୍ ଓ ପିତ୍ତକୋଷ ପଥର ଚିକିତ୍ସାରେ ବ୍ୟବହୃତ ସନ୍‌ଫାର୍ମାର ଉର୍ସୋକୋଲ ୩୦୦ ରହିଥିଲା। ତେବେ ଦୁଇ ବୃହତ୍ ଭାରତୀୟ କମ୍ପାନୀର ଔଷଧ ନିୟାମକର ଗୁଣବତ୍ତା ଓ ସୁରକ୍ଷା ମାନକ ପୂରଣ ନ କରିପାରିବାକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହା ବ୍ୟତୀତ ସେପ୍ଟେମ୍ବର ୨୦୨୩ରେ ଭାରତର ଶୀର୍ଷ ରେଗୁଲେଟର କୁହାଯାଉଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ ଦ୍ୱାରା ଦେଶରେ ବିକ୍ରି ହେଉଥିବା ନକଲି କ୍ୟାନ୍‌ସର ଓ ଲିଭର ମେଡିସିନ ଉପରେ ସତର୍କତା ଜାରି କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମଧ୍ୟ ଏ ସମ୍ପର୍କରେ ଚିନ୍ତା ପ୍ରକଟ କରିଥିଲା। ଉତ୍ପାଦିତ ଔଷଧଗୁଡ଼ିକୁ ସ୍ୱୀକୃତି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ନିୟାମକ ସଂସ୍ଥାମାନେ କଡ଼ା ଯାଞ୍ଚ ଓ ପଦକ୍ଷେପ ନେଲେ ହୁଏତ ଔଷଧଗୁଡ଼ିକର ଗୁଣବତ୍ତା ରକ୍ଷା ହୋଇପାରନ୍ତା। କିନ୍ତୁ ସ୍ୱାଭାବିକ ଭାବେ ବିପୁଳ ଅର୍ଥ ଅର୍ଜନ କରୁଥିବା ଔଷଧକମ୍ପାନୀଗୁଡ଼ିକ ସରକାରୀ ଯାଞ୍ଚ ସଂସ୍ଥାମାନଙ୍କୁ ଯଥେଷ୍ଟ ଖୁସି କରି ରଖିଥା'ନ୍ତି। ତେଣୁ ସମ୍ବଲପୁରରେ ମୁଣ୍ଡ ଟେକିଥିବା କଫ୍ ସିରପ୍‌ର ମନ୍ଦ ବ୍ୟବହାରକୁ ଅଟକାଇବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଭାବେ ମନେହେଉଛି।

# ରେକର୍ଡ ମାୟାରେ ବାୟା



ନିରଞ୍ଜନ ସାହୁ

ରେକର୍ଡ କରିବାର ନିଶା ଗୋଟିଏ ଗଢ଼ିବାର ନିଶା ନା ଭାଙ୍ଗିବାର, ତାହା ଅନେକ ସମୟରେ ଏକ ପ୍ରଶ୍ନବାଚୀ ପାଲଟିଯାଏ। ନୂଆ ରେକର୍ଡ ହେଉ ହେଉ ପୁରୁଣାଟି ଆପେ ଆପେ ଭାଙ୍ଗିଯାଏ, ତାକୁ ଭାଙ୍ଗିବାକୁ ପଡ଼େନି। ସେଇଆକୁ ଲକ୍ଷ୍ୟ କରି ବୋଧହୁଏ, କେବେ କବିଙ୍କ ଲେଖନୀରୁ ଝରି ଆସିଥିଲା ହୃଦୟଗ୍ରାହୀ ପଦଟିଏ– 'ଏକର ବିନାଶେ ଆରେକ ପ୍ରକାଶେ ଏତ ସୃଷ୍ଟି ନିତ୍ୟ ବିଧି।'

ଏବେ ଖୁବ୍ ନିକଟରେ ଗୋଟିଏ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ଆମେରିକାର ଡିମୋକ୍ରାଟ ଦଳର ସିନେଟର କୋରୀ ବୁକର– ସେ ବିନା ବିରାମରେ ପଚିଶ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ସିନେଟରେ ଭାଷଣ ଦେଇ ନିଜ ନାଁରେ ଯୋଡ଼ିଛନ୍ତି ଏଇ କୀର୍ତ୍ତି। ଏକାଦିକ୍ରମେ କହିଲେ, ଯଦିଓ ବୁଝାଏ ସେ ଏକୁଟିଆ ହିଁ କହୁଥିଲେ, ତା' ନୁହେଁ ମଝିରେ ମଝିରେ ତାଙ୍କୁ କିଛି ପ୍ରଶ୍ନ ପଚରା ଯାଉଥିଲା ଓ ତା'ର ସେ ଉତ୍ତର ଦେଉଥିଲେ। ଅର୍ଥାତ୍ ମଝିରେ ମଝିରେ ଟିକିଏ ନିଃଶ୍ୱାସ ନେବାକୁ ତାଙ୍କୁ ଆପେ ଆପେ ଫୁରୁସତ୍ ମିଳିଯାଉଥିଲା ସେଇ କ୍ରମରେ। ଅବଶ୍ୟ ତାଙ୍କ ଦେଶର ଆଇନ ସେମିତି କରିବାକୁ ଅନୁମତି ରହିଛି। ତାଙ୍କ ଆଗରୁ ଷ୍ଟର୍ମ ଥର୍ମାଣ୍ଡଙ୍କ ନାଁରେ ସେଇ ରେକର୍ଡଟି ଥିଲା, ଯିଏ କି ୧୯୫୭ରେ ଚବିଶଘଣ୍ଟା ଅଠର ମିନିଟ୍ ଭାଷଣ ଦେଇ ରେକର୍ଡ ସୃଷ୍ଟି କରିଥିଲେ।

ରେକର୍ଡ କହିଲେ, ସାଧାରଣ ଭାବରେ ଗୋଟାଏ ଧାରଣା ରହିଛି, ଏକ ବିଶେଷ ସ୍ୱୀକୃତିର ତାହା ହେଲା ଯେମିତି କେହି ଜଣେ ଅସାଧାରଣ କୀର୍ତ୍ତିର ଅଧିକାରୀ ହେଲେ ତାଙ୍କୁ 'ରେକର୍ଡ କଲେ' ବୋଲି କୁହାଯାଏ। ତାଙ୍କ ଉପରେ ଫୁଲ ବର୍ଷା ହୁଏ, କେବେ ପୁରସ୍କାର ମିଳେ, ଅନେକ ଲୋକଙ୍କର ନଜର ତାଙ୍କ ଉପରେ ପଡ଼େ। ଅନେକ ରେକର୍ଡ ନିତିଦିନ ତିଆରି ହୁଏ ସେମିତି ରେକର୍ଡ ନିଶା ଏତେ ବଢ଼ିଯାଇଛି ଯେ ସଂପୃକ୍ତ କାମଟି ଉପଯୋଗୀ କି ନୁହେଁ ତାକୁ ବୁଝିବାକୁ ଆଜି ଯେମିତି କାହାରି ବେଳ ନାହିଁ।

କେହି ଜଣେ ଜମି କିଣିଲା ପରେ ତାକୁ ନିଜ ନାଁରେ କରେଇ ନିଅନ୍ତି– ଯାହାକୁ ଦାଖଲ ଖାରଜ କୁହାଯାଏ। ଅର୍ଥାତ୍ ପୁରୁଣା ମାଲିକଙ୍କ ନାଁ ଖାରଜ ହୁଏ ଏବଂ ନୂଆ କ୍ରେତାଙ୍କ ନାଁ ସେଇ ଦରଜ ହୁଏ। ଏଥିରୁ ଆମେ ଅନୁମାନ କରିପାରିବା ରେକର୍ଡ ଅର୍ଥ କିଛି ଉଲ୍ଲେଖଯୋଗ୍ୟ କୃତି ନୁହେଁ ବରଂ ଯେତେ ମାମୁଲି ଜିନିଷ ଲେଖା ହୋଇ ରହିଲେ ତାହା ରେକର୍ଡ ପର୍ଯ୍ୟାୟଭୁକ୍ତ ସେଇ ଦୃଷ୍ଟିରୁ ଆମମାନଙ୍କ ମନଭିତରେ ରହିଥିବା ଧାରଣା ହୁଏତ ସଂଶୋଧନ ସାପେକ୍ଷ।

ଆଗରୁ ଗୋଟିଏ କଥା ଗାଁ ଗହଳିରେ ପ୍ରଚଳିତ




ଥିଲା– ସେଇଟି ହେଲା– ମନ୍ଦିର ତୋଳିଲେ ନାଁ, ବାଟରେ ଝାଡ଼ାଗଲେ ବି ନାଁ। ଅର୍ଥାତ୍ ଭଲ କାମ କଲେ ତାହା ନଥିରେ ଚଢ଼େ ଖରାପ କାମରେ ବି। ଅବଶ୍ୟ ପାଠକେ ବୁଝିବା କଥା, ପ୍ରଥମଟି ହେଲା ନାଁ କରିବା ଆଉ ଦ୍ୱିତୀୟଟି ହେଲା ନାଁ ପକେଇବା; ଉଭୟରେ ଯଦିଓ ନାଁ ଶବ୍ଦଟି ରହିଛି ପ୍ରଥମଟିରେ ଏହାର ବ୍ୟବହାର ଏକ ସକାରାତ୍ମକ କ୍ଷେତ୍ରର ଉପଲବ୍ଧି ଏବଂ ଦ୍ୱିତୀୟ କ୍ଷେତ୍ରରେ ତାହା ଏକ ନକାରାତ୍ମକ ଟିପ୍ପଣୀ, ଯାହା ଆଣିଦିଏ ଅପଯଶ। ମାତ୍ର ଆଜିକାଲି ଲୋକମାନେ ଯାହା ହେଲେ ବି ଗୋଟେ ଆପଣେଇବା ଚାହାନ୍ତି।

ଆଜିକାଲିର ଯୁବ ପିଢ଼ିଙ୍କ ଭିତରେ ଏକ ପ୍ରବଣତା ସୃଷ୍ଟି ହୋଇଛି ଯେମିତି ଯେନତେନ ପ୍ରକାରେଣ ତାଙ୍କର ରେକର୍ଡ ଦରକାର। ଆଉ ସେମିତି ସାର୍ଟିଫିକେଟ ବାଣ୍ଟିବାପାଇଁ ଅନୁଷ୍ଠାନ ମାନଙ୍କର ବି ଅଭାବ ନାହିଁ, ଯେମିତି ଗିନିଜ ବୁକ୍ ଅଫ୍ ରେକର୍ଡସ, ଲିମକା ବୁକ୍ ଅଫ୍ ରେକର୍ଡସ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଇତ୍ୟାଦି।

ରେକର୍ଡ କହିଲେ, ଆମ ଭିତରୁ ଯେମିତି କେହି ମନେ ପକେଇ ଦିଏ– କିଛି ଗୋଟାଏ ପରୀକ୍ଷା ହେଉଥିବ ଯିଏ ସବୁଠୁ ବେଶି ନମ୍ବର ରଖିଲା, ତାକୁ କୁହାଯାଏ ସିଏ ରେକର୍ଡର ଅଧିକାରୀ କିମ୍ବା ଗୋଟିଏ ସ୍ପୋର୍ଟ୍ସ କମ୍ପିଟିସନ୍ ହେଉଥିଲେ ଯିଏ ସର୍ବୋତ୍ତମ ସ୍ଥାନ ଅଧିକାର କରେ ସିଏ ହୁଏ ରେକର୍ଡର ଅଧିକାରୀ। କ୍ରିକେଟ ଆଜିକାଲି ଯୁବପିଢ଼ିଙ୍କ ମନ ଭିତରେ ଯେମିତି ପଶିଯାଇଛି ଯେ ଗୋଟିଏ ଆଇ.ପି.ଏଲ୍. ମ୍ୟାଚ ଦେଖିବାକୁ ହଜାର ହଜାର କିଲୋମିଟର ଯାଇ ତାହା ଦେଖିବାକୁ ନିଜ ନିଜ ଭିତରେ ପ୍ରତିଯୋଗିତା ଚାଲିଛି। କ୍ରିକେଟ ଏତେ ଅଧିକ ଲୋକପ୍ରିୟ ହେବାର ଆଉ ଗୋଟିଏ ବିଶେଷ କାରଣ ହେଲା ସେଥିରେ ରେକର୍ଡ ସଂଖ୍ୟା ଅନ୍ୟ ଯେକୌଣସି ଖେଳଠୁ ଅଧିକ। ବଲ୍‌ଟିଏ ବୋଲିଂ ହେବା ମାତ୍ରେ ରେକର୍ଡରେ ତାହା ଯୋଡ଼ି ହୋଇଯାଏ। ଏମିତି କି ଗୋଟିଏ ଇନିଂସ ଭିତରେ କିଏ କେତୋଟି ଚାରି ବା ଛଅ ମାରିଲା ତାକୁ ନେଇ ବି ରେକର୍ଡ।

No.C-231:ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧୀନସ୍ଥ ନିମ୍ନ ପ୍ରଦର୍ଶିତ ଉତ୍ସର ୨୦୨୫-୨୬ ବର୍ଷ ପାଇଁ ପରିଷଦ ସର୍ତ୍ତାବଳୀ ଅନୁଯାୟୀ (ତା୦୧.୦୬.୨୦୨୫ ଠାରୁ ୩୧.୦୫.୨୦୨୬ ପର୍ଯ୍ୟନ୍ତ) ଜଉମୁଦ ଟେଣ୍ଡର ମାଧ୍ୟମରେ ନିଲାମ ଦିଆଯିବ । ଏଥିପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ତା.୦୩.୦୫.୨୦୨୫ରିଖଠାରୁ ତା.୦୯.୦୫.୨୦୨୫ରିଖ (ଛୁଟିଦିନ ବ୍ୟତୀତ) କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ନିମ୍ନଦର୍ଶିତ ଟଙ୍କା ବିନିମୟରେ ବିକ୍ରି କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଦର୍ଶିତ ଫେରସ୍ତ ନ ଦିଆଯିବା ଟଙ୍କା ବିନିମୟରେ କ୍ରୟ ଲଭିବେ ଓ ତା୦୯.୦୫.୨୦୨୫ରିଖ ୧୨.୦୦ ଘଣ୍ଟା ସମୟ ମଧ୍ୟରେ ଏନ.ଏ.ସି. କାର୍ଯ୍ୟାଳୟରୁ ବକେୟା ନ ଥିବା ପ୍ରାପ୍ତ ପ୍ରମାଣପତ୍ର ସହ ଆବେଦନ କରିବେ । ପ୍ରାପ୍ତ ଜଉମୁଦଦିଆ ଟେଣ୍ଡର ଦରଖାସ୍ତଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ନିମ୍ନ ସ୍ୱାକ୍ଷରକାରୀଙ୍କ ଉପସ୍ଥିତିରେ ତା୦୯.୦୫.୨୦୨୫ରିଖ ଅପରାହ୍ନ ୧.୦୦ ଘ. ସମୟରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଅଗ୍ରାଧିକାର ଦିଆଯିବ । ଚୟନ ହେବାର ୧୦ ଦିନ ମଧ୍ୟରେ ନିଲାମ ରାଶିର ସମସ୍ତ ଟଙ୍କା ପରିଷଦରେ ପୈଠ ଦେବେ । ନଚେତ୍ ଆପଣଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ କାରଣ ନ ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରିବେ ।

| କ୍ର.ନଂ. | ନିଲାମ ଉତ୍ସଗୁଡିକର ନାମ | ଟେଣ୍ଡର ଦରଖାସ୍ତ ଫର୍ମର ମୂଲ୍ୟ (ଫେରସ୍ତ ଦିଆଯିବ ନାହିଁ) ଟଙ୍କାରେ | ଉତ୍ସର ସରକାରୀ ମୂଲ୍ୟ ଟଙ୍କାରେ (ବାର୍ଷିକ) | ଅମାନତ ରାଶି ଯାହା ବ୍ୟାଙ୍କ ଡ୍ରାଫ୍ଟ କରିଦେବେ ଟଙ୍କାରେ |
|---|---|---|---|---|
| ୦୧ | ଆହାର କେନ୍ଦ୍ର ସମ୍ମୁଖରେ ଥିବା କାଫେ ଗୃହ | ୨,୦୦୦/- | ୬୦,୦୦୦/- | ୫୦,୦୦୦/- |

OIPR-13113/11/0031/2526 ସ୍ୱା./- ନିର୍ବାହୀ ଅଧିକାରୀ, ଏନ.ଏ.ସି., ବେଲଗୁଣ୍ଠା

# NOTIFIED AREA COUNCIL BELLAGUNTHA-761119 (GANJAM) | ବିଜ୍ଞାପିତ ଅଞ୍ଚଳ ପରିଷଦ ବେଲଗୁଣ୍ଠା-୭୬୧୧୧୯, (ଗଞ୍ଜାମ)

Phone No.06821-258244, Sri Banamali Satapathy, OAS, Executive Officer
ଦୂରଭାଷ - ୦୬୮୨୧-୨୫୮୨୪୪, ଶ୍ରୀ ବନମାଳୀ ଶତପଥୀ, (ଓ.ପ୍ର.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ
E-Mail ID: eonacbellaguntha@gmail.com

ପତ୍ର ସଂ:୬୧୨ ତାରିଖ:୦୩.୦୫.୨୦୨୫

## ବିଜ୍ଞାପନ

No.C-232:ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧୀନସ୍ଥ ନିମ୍ନ ପ୍ରଦର୍ଶିତ ଉତ୍ସର ୨୦୨୫-୨୬ ବର୍ଷ ପାଇଁ ପରିଷଦ ସର୍ତ୍ତାବଳୀ ଅନୁଯାୟୀ (ତା.୦୧.୦୬.୨୦୨୫ ଠାରୁ ୩୧.୦୫.୨୦୨୬ ପର୍ଯ୍ୟନ୍ତ) ଜଉମୁଦ ଟେଣ୍ଡର ମାଧ୍ୟମରେ ନିଲାମ ଦିଆଯିବ । ଏଥିପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ତା.୦୩.୦୫.୨୦୨୫ରିଖଠାରୁ ତା.୦୯.୦୫.୨୦୨୫ ରିଖ (ଛୁଟିଦିନ ବ୍ୟତୀତ) କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ନିମ୍ନଦର୍ଶିତ ଟଙ୍କା ବିନିମୟରେ ବିକ୍ରି କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଦର୍ଶିତ ଫେରସ୍ତ ନ ଦିଆଯିବା ଟଙ୍କା ବିନିମୟରେ କ୍ରୟ ଲଭିବେ ଓ ତା.୦୯.୦୫.୨୦୨୫ ରିଖ ୧୨.୦୦ ଘଣ୍ଟା ସମୟ ମଧ୍ୟରେ ଏନ.ଏ.ସି. କାର୍ଯ୍ୟାଳୟରୁ ବକେୟା ନଥିବା ପ୍ରାପ୍ତ ପ୍ରମାଣପତ୍ର ସହ ଆବେଦନ କରିବେ । ପ୍ରାପ୍ତ ଜଉମୁଦଦିଆ ଟେଣ୍ଡର ଦରଖାସ୍ତଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ନିମ୍ନ ସ୍ୱାକ୍ଷରକାରୀଙ୍କ ଉପସ୍ଥିତିରେ ତା.୦୯.୦୫.୨୦୨୫ ରିଖ ଅପରାହ୍ନ ୧.୦୦ ଘ. ସମୟରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଅଗ୍ରାଧିକାର ଦିଆଯିବ । ଚୟନ ହେବାର ୧୦ ଦିନ ମଧ୍ୟରେ ନିଲାମ ରାଶିର ସମସ୍ତ ଟଙ୍କା ପରିଷଦରେ ପୈଠ ଦେବେ । ନଚେତ୍ ଆପଣଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ କାରଣ ନ ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରିବେ ।

| କ୍ର.ନଂ. | ନିଲାମ ଉତ୍ସଗୁଡିକର ନାମ | ଟେଣ୍ଡର ଦରଖାସ୍ତ ଫର୍ମର ମୂଲ୍ୟ (ଫେରସ୍ତ ଦିଆଯିବ ନାହିଁ) ଟଙ୍କାରେ | ଉତ୍ସର ସରକାରୀ ମୂଲ୍ୟ ଟଙ୍କାରେ (ବାର୍ଷିକ) | ଅମାନତ ରାଶି ଯାହା ବ୍ୟାଙ୍କ ଡ୍ରାଫ୍ଟ କରିଦେବେ ଟଙ୍କାରେ |
|---|---|---|---|---|
| ୦୧ | ନୂତନ ବସଷ୍ଟାଣ୍ଡରେ ଥିବା ଯାତ୍ରୀ ବିଶ୍ରାମାଗାର | ୨୦୦୦/- | ୧,୨୬,୦୦୦/- | ୧,୦୦,୦୦୦/- |

OIPR-13113/11/0029/2526 ସ୍ୱା./- ନିର୍ବାହୀ ଅଧିକାରୀ, ଏନ.ଏ.ସି., ବେଲଗୁଣ୍ଠା

# GOVERNMENT OF ODISHA
# OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.2270/Date 02.05.2025
No.O-120:
"e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | Road Works under SDMF |
| 2. | Total No. of Works | : | 12 Nos. of Road Works for the year 2024-25 |
| 3. | Estimated Cost of the Work | : | Varying from Rs.83.00 Lakhs to Rs.1516.00 Lakhs |
| 4. | Class of Contractor | : | |
| | a) Estimated cost more than Rs.20.00 Lakh upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated Cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore upto Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender Online for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online- C.C. 12 of 2025 | 13.05.2025 at 11.00 AM | 29.05.2025 upto 5.00 P.M. | 30.05.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in

Sd./- Chief Construction Engineer, Central Rural Works Circle, Bhubaneswar

OIPR-25194/11/0042/2526

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 8853 IND-II-PC-୦୧ ତା.03.05.2025
No. CAD-318

## ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଏବଂ ଓରାଘାଟ ଠାରେ ବିଦ୍ୟମାନ ୧୪୭.୧୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ପ୍ରସ୍ତାବିତ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନରେ ୪୮.୯% ବୃଦ୍ଧି) ତଥା ୨୬.୮୨୭ ମିଲିଅନ ଟିପିଏ (ଆରଓଏମ:୨୦.୮୫ ମିଲିଅନ ଟିପିଏ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୦୮୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ)ରୁ ମୋଟ ୨୮.୭୩୭୫ ମିଲିଅନ ଟିପିଏ (ଆରଓଏମ:୨୨.୩୩୫ ମିଲିଅନ ଟିପିଏ+ ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୨୩୩୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+ ୪.୧୬୯ ମିଲିଅନ ଟିପିଏ ବର୍ଜ୍ୟ) ପର୍ଯ୍ୟନ୍ତ ଲୁହାପଥର ଉତ୍ପାଦନ ବୃଦ୍ଧି ନିମନ୍ତେ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି, ୨୦୦୬ର ପାରା 7(ii) (a) ଏବଂ ଏହାର ପରବର୍ତ୍ତୀ ସଂଶୋଧନର ବ୍ୟବସ୍ଥା ଅନୁଯାୟୀ ଜନ ପରାମର୍ଶ ପାଇଁ ଅନୁରୋଧ କରିଅଛନ୍ତି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M. No.) F.No. IA3-22/10/2022-IA.III (E177258) ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି 2006ରେ ପାରା 7(ii)(a) ଅନୁଯାୟୀ ଅତିରିକ୍ତ ଜମି ଅଧିଗ୍ରହଣ ଏବଂ ଜନଶୁଣାଣି ବିନା ବିଦ୍ୟମାନ ପରିସର/ଖଣି ଲିଜ୍ ଅଞ୍ଚଳ ମଧ୍ୟରେ 50% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ପରିବେଶଗତ ମଞ୍ଜୁରୀ ପ୍ରଦାନ ଲାଗି ନିର୍ଦ୍ଦେଶାବଳୀ ଜାରି କରିଅଛନ୍ତି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M No.) F.No. IA3-22/10/2022-IA.III (E177258), ତାରିଖ 11.04.2022 ରେ 40% ରୁ ଅଧିକ କିନ୍ତୁ 50%ରୁ କମ୍ ଉତ୍ପାଦନ ଥିବା ପ୍ରକଳ୍ପଗୁଡିକର ଆବେଦନ ପ୍ରକ୍ରିୟାକରଣ ପାଇଁ ଗ୍ରହଣ କରାଯିବାକୁ ଥିବା ପଦ୍ଧତିଗୁଡିକୁ ନିର୍ଦ୍ଦିଷ୍ଟ କରାଯାଇଛି, ଯାହା 40% ର ସମ୍ପ୍ରସାରଣ ଏବଂ ପ୍ରସ୍ତାବିତ ପ୍ରକଳ୍ପର ପରବର୍ତ୍ତୀ ସମ୍ପ୍ରସାରଣ ସହିତ ସମ୍ବନ୍ଧିତ ପୂର୍ବ ପରିବେଶଗତ ସୁରକ୍ଷାର ସଫଳ ଅନୁପାଳନ ଉପରେ ଆଧାରିତ, ଯାହା EIA ବିଜ୍ଞପ୍ତି ୨୦୦୬ ର ପାରା 7 (ii) (a) ଅନ୍ତର୍ଗତ ବିଦ୍ୟମାନ ପରିବେଶୀୟ ମଞ୍ଜୁରୀ (EC) ରେ ସର୍ବନିମ୍ନ ତିନୋଟି ପର୍ଯ୍ୟାୟରେ ଉଲ୍ଲେଖ କରାଯାଇଅଛି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M No.) F.No. IA3-22/10/2022-IA.III (E177258), ତାରିଖ 30.5.2022 ରେ ଆହୁରି ସ୍ପଷ୍ଟ କରାଯାଇଅଛି ଯେ, ମାନକ TORs ଉପରେ ଆଧାରିତ ସଂଶୋଧିତ EIA-EMP ରିପୋର୍ଟ ମୂଳ ପରିବେଶୀୟ ମଞ୍ଜୁରୀ (EC) କ୍ଷମତାର ସର୍ବାଧିକ ୫୦% ବିସ୍ତାର ପାଇଁ ପ୍ରସ୍ତୁତ କରାଯାଇପାରିବ, ଯାହା ପାଇଁ ତା. ୧୧.୦୪.୨୦୨୨ ରିଖ କାର୍ଯ୍ୟାଳୟ ସ୍ମାରକପତ୍ର (O.M.)ର ଲାଭ ପାଇବା ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ତଥାପି, ଉପରୋକ୍ତ ସଂଶୋଧିତ EIA-EMP ରିପୋର୍ଟ ଉପରେ ଆଧାରିତ ୨୦%, ୪୦% ଏବଂ ୫୦% କ୍ଷମତା ବିସ୍ତାର ପର୍ଯ୍ୟାୟରେ ପରିବେଶୀୟ ମଂଜୁରୀ (EC) ପ୍ରଦାନ କରାଯିବ, ପ୍ରତ୍ୟେକ ପର୍ଯ୍ୟାୟରେ ମଞ୍ଜୁର ପରିବେଶୀୟ ମଞ୍ଜୁରୀ (EC) ପାଇଁ ପ୍ରମାଣିତ ଅନୁପାଳନ ରିପୋର୍ଟ ଦାଖଲ କରିବା ଉପରେ ନିର୍ଭର କରେ । ପ୍ରକଳ୍ପ ପ୍ରସ୍ତାବକଙ୍କୁ ପ୍ରତ୍ୟେକ ସମ୍ପ୍ରସାରଣ ପର୍ଯ୍ୟାୟ ପାଇଁ ସଂଶୋଧିତ EIA-EMP ରିପୋର୍ଟ ପ୍ରସ୍ତୁତ କରିବାକୁ ପଡିବ ନାହିଁ ଯଦି ପ୍ରାରମ୍ଭିକ ସଂଶୋଧିତ EIA/EMP ରିପୋର୍ଟ ପ୍ରସ୍ତାବିତ ଉଚ୍ଚ କ୍ଷମତା କିମ୍ବା ସର୍ବାଧିକ ୫୦% କ୍ଷମତା ବିସ୍ତାର ପାଇଁ ପ୍ରସ୍ତୁତ କରାଯାଇଥିଲା, ଯାହା ପ୍ରଯୁଜ୍ୟ ।

**ୟୁନିଟର ବିବରଣୀ ନିମ୍ନଲିଖିତ ଭାବରେ ପ୍ରଦାନ କରାଗଲା :**

୧.ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ, ସାନିନ୍ଦପୁର ଏବଂ ଓରାଘାଟ, କୋଇଡା ତହସିଲ, ଜିଲ୍ଲା- ସୁନ୍ଦରଗଡ ରାଜ୍ୟସ୍ତରୀୟ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (SEIAA), ଓଡ଼ିଶାଙ୍କ ଠାରୁ ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ, ଯାହା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M.No.) F.No.IA3-22/10/2022-IA.III (E177258) ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି ୨୦୦୬ର ପାରା 7 (ii)(a) ଅନୁଯାୟୀ ଲୌହ ଖଣିଜ ଉତ୍ପାଦନ କ୍ଷମତାରେ ୧୯.୫% ବୃଦ୍ଧି କରାଯାଇଥିଲା ଅର୍ଥାତ୍ ୧୬.୫ ଏମ୍‌ଟିପିଏ (ମୋଟ ପଦାର୍ଥ ପରିଚାଳନା ୧୯.୩ ଏମ୍‌ଟିପିଏ:୧୫ ଏମ୍‌ଟିପିଏ ଆରଓଏମ ଲୌହ ଖଣିଜ+୧.୫୦ ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନମାନର ଖଣିଜ+୨.୮୦ ଏମଟିପିଏ ବର୍ଜ୍ୟ ପରିଚାଳନା) ରୁ ୧୯.୭ ମିଲିଅନ ଟିପିଏ (ମୋଟ ୨୩.୦୬୪ ମିଲିଅନ ଟିପିଏ ପଦାର୍ଥ ପରିଚାଳନା: ୧୭.୯୨୫ ମିଲିଅନ ଟିପିଏ ଆରଓଏମ ଲୌହ ଖଣିଜ+ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନ ଗ୍ରେଡ ଖଣିଜ ୧.୭୯୩ ଏମଟିପିଏ+୩.୩୪୬ ମିଲିଅନ ଡଲାର ବର୍ଜ୍ୟ ପରିଚାଳନା ପାଇଁ ପରିବେଶୀୟ ମଂଜୁରୀ (EC) ପ୍ରାପ୍ତ କରିଥିଲେ ।

୨.ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ, ସାନିନ୍ଦପୁର ଏବଂ ଓରାଘାଟ, କୋଇଡା ତହସିଲ, ଜିଲ୍ଲା-ସୁନ୍ଦରଗଡ ରାଜ୍ୟସ୍ତରୀୟ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (SEIAA), ଓଡ଼ିଶାଙ୍କଠାରୁ **ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ**, ଯାହା ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M.No.) F.No.IA3-22/10/2022-IA.III (E177258), ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି 2006ରେ ପାରା 7(ii)(a) ଅନୁଯାୟୀ ଲୌହ ଖଣିଜ ଉତ୍ପାଦନ କ୍ଷମତାରେ ବଳକା ୧୯.୫% ବୃଦ୍ଧି ପାଇଁ ଅର୍ଥାତ୍ ୧୯.୭ ଏମପିଟିଏ (୨୩.୦୬୪ ଏମ୍‌ଟିପିଏ ମୋଟ ପଦାର୍ଥ ପରିଚାଳନା:୧୭.୯୨୫ ଏମ୍‌ଟିପିଏ ଆରଓଏମ ଲୌହ ଖଣିଜ+୧.୭୯୩ ମିଲିଅନ ଟିପିଏ ଡମ୍ପ ଏବଂ ପୁରୁଣା ଷ୍ଟାକ୍ସ ରୁ ନିମ୍ନମାନର ଖଣିଜ+ ୩.୩୪୬ ଏମ୍‌ଟିପିଏ ବର୍ଜ୍ୟ ପରିଚାଳନା) ରୁ ୨୨.୯ ମିଲିଅନ ଟିପିଏ (୨୬.୮୨୭ ମିଲିଅନ ଟିପିଏ ମୋଟ ପଦାର୍ଥ ପରିଚାଳନା:୨୦.୮୫୦ ମିଲିଅନ ଟିପିଏ ଆରଓଏମ ଲୌହ ଖଣିଜ+୨.୦୮୫ ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନମାନର ଖଣିଜ+ ୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ ପରିଚାଳନା) ପାଇଁ ପରିବେଶୀୟ ମଞ୍ଜୁରୀ (EC) ପ୍ରାପ୍ତ କରିଥିଲେ ।

୩. ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ ଦ୍ୱାରା ସୁନ୍ଦରଗଡ ଜିଲ୍ଲା, କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଏବଂ ଓରାଘାଟ ଠାରେ ୧୪୭.୧୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ପ୍ରସ୍ତାବିତ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନ/ ପରିଚାଳନା ଉପରେ ୪୮.୯% ବୃଦ୍ଧି) ଲୁହାପଥର ଉତ୍ପାଦନକୁ ୨୬.୮୨୭ ମିଲିଅନ ଟିପିଏ (ଆରଓଏମ:୨୦.୮୫ ମିଲିଅନ ଟିପିଏ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୦୮୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ) ରୁ ୨୮.୭୩୭୫ ମିଲିଅନ ଟିପିଏ ମୋଟ ପଦାର୍ଥ ପରିଚାଳନା (୨୨.୩୩୫ ମିଲିଅନ ଟିପିଏ ଆରଓଏମ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ନିମ୍ନ ମାନର ଖଣିଜ ୨.୨୩୩୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ + ୪.୧୬୯ ମିଲିଅନ ଟିପିଏ ବର୍ଜ୍ୟ) ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି, ୨୦୦୬ ଅନ୍ତର୍ଗତ ପାରା ୭ (ii) (a)ର ବ୍ୟବସ୍ଥା ଏବଂ ପରବର୍ତ୍ତୀ ସଂଶୋଧନ ଅନୁଯାୟୀ ଜନ ପରାମର୍ଶ ପାଇଁ ଅନୁରୋଧ କରାଯାଇଛି ।

୪. ଉଲ୍ଲିଖିତ ତାରିଖ ୧୧ ଏପ୍ରିଲ ୨୦୨୨ ସ୍ମାରକପତ୍ର (O.M.) ଅନୁଯାୟୀ ପର୍ଯ୍ୟାୟକ୍ରମେ ୫୦% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଜନଶୁଣାଣି କୁ ଛାଡ କରାଯାଇଛି, ଯାହା ପ୍ରକଳ୍ପ ପ୍ରସ୍ତାବକ EIA ବିଜ୍ଞପ୍ତି ୨୦୦୬ର ପାରା ୭ (ii) (a) ଅନୁଯାୟୀ ଆବଶ୍ୟକ ଫର୍ମରେ PARIVESH ପୋର୍ଟାଲରେ ଆବେଦନ କରି ମାନକ ToRs ଉପରେ ଆଧାରିତ ସଂଶୋଧିତ EIA/EMP ରିପୋର୍ଟ ସହିତ ଆବେଦନ କରିଥିବା ଉପରେ ନିର୍ଭର କରେ । ଉପରୋକ୍ତ ବ୍ୟତୀତ ୪୦% ରୁ ୫୦% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ, EIA ବିଜ୍ଞପ୍ତି ୨୦୦୬ର ପାରା ୭ III (ii) (b) ଅନୁଯାୟୀ ଜନ ପରାମର୍ଶ ରିପୋର୍ଟ ମଧ୍ୟ ଦାଖଲ କରିବାକୁ ପଡିବ ।

୫. ତଦନୁସାରେ ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନ /ପରିଚାଳନା ଉପରେ ୪୮.୯% ବୃଦ୍ଧି) ପାଇଁ ଏକ ସଂଶୋଧିତ ପରିବେଶ ପ୍ରଭାବ ମୂଲ୍ୟାଙ୍କନ (EIA) ଏବଂ ପରିବେଶ ପରିଚାଳନା ଯୋଜନା (EMP) ଦାଖଲ କରିଅଛନ୍ତି ।

ବର୍ତ୍ତମାନ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ପ୍ରସ୍ତାବିତ ପ୍ରକଳ୍ପର ପରିବେଶଗତ ଦିଗଗୁଡିକ ସମ୍ପର୍କରେ ଉପରୋକ୍ତ ବିଷୟଗୁଡିକ ଉପରେ ପୁଣିଥରେ ଜନ ପରାମର୍ଶ/ଆପତ୍ତି ଆହ୍ୱାନ କରାଯାଉଅଛି, ଯେଉଁଥିରେ ପ୍ରକୃତ ବାସିନ୍ଦା, ପରିବେଶଗତ ଗୋଷ୍ଠୀ ଏବଂ ପ୍ରସ୍ତାବିତ ସ୍ଥାନ/ବିସ୍ଥାପନ/ପ୍ରଭାବିତ ହେବାର ସମ୍ଭାବନା ଥିବା ସ୍ଥାନଗୁଡିକରେ ଅବସ୍ଥିତ ସମସ୍ତ ବ୍ୟକ୍ତି ସାମିଲ ଅଟନ୍ତି ।

ଉପରୋକ୍ତ ପ୍ରକଳ୍ପ ସହିତ ସମ୍ପର୍କିତ ସେମାନଙ୍କର ମତାମତ, ଆପତ୍ତି ଇତ୍ୟାଦି ଦାଖଲ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଉକ୍ତ ପ୍ରକଳ୍ପର ସଂଶୋଧିତ ପରିବେଶ ପ୍ରଭାବ ମୂଲ୍ୟାଙ୍କନ (EIA) / ପରିବେଶ ପରିଚାଳନା ଯୋଜନା (EMP) ଦେଖିପାରିବେ ଯାହା ନିମ୍ନଲିଖିତ କାର୍ଯ୍ୟାଳୟଗୁଡିକରେ ଉପଲବ୍ଧ ହେବା ସହିତ କାର୍ଯ୍ୟନିର୍ବାହୀ ସାରାଂଶର ଏକକିତା ନକଲ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମଧ୍ୟ ନିମ୍ନଲିଖିତ କାର୍ଯ୍ୟାଳୟ ଗୁଡିକରେ ଉପଲବ୍ଧ ଏବଂ ଏହାକୁ https://ospcboard.odisha.gov.in ୱେବସାଇଟ୍‌ରୁ ମଧ୍ୟ ମାଗଣାରେ ଡାଉନଲୋଡ୍ କରାଯାଇପାରିବ ।

୧.ଜିଲ୍ଲା କଲେକ୍ଟରଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ ।
୨.ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁନ୍ଦରଗଡ ।
୩. ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ, ସୁନ୍ଦରଗଡ ।
୪.ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟ, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮,ଭୁବନେଶ୍ୱର-୧୨ ।
୫.ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାଉରକେଲା ।
୬.ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଉପରୋକ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ବ୍ୟକ୍ତି ସେମାନଙ୍କର ମତାମତ, ଆପତ୍ତି ଅଭିଯୋଗ ଇତ୍ୟାଦି ଦାଖଲ କରିବାକୁ ଚାହୁଁଥିଲେ, ସେମାନେ ଏହି ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ପଞ୍ଜିକୃତ ପୋଷ୍ଟ ମାଧ୍ୟମରେ କିମ୍ବା ଇମେଲ୍-publichearing@ospcboard.org ଜରିଆରେ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର, ଓଡ଼ିଶାଙ୍କୁ ଲିଖିତ ଭାବରେ ଜଣାଇପାରିବେ ।

ଏହି ବିଷୟରେ ଅଧିକ ସ୍ପଷ୍ଟୀକରଣ ପାଇଁ ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲାର ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ସଦସ୍ୟ ସଚିବଙ୍କ ସହିତ ଯୋଗାଯୋଗ କରାଯାଇପାରିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଖିତ ଭାବରେ ଦାଖଲ କରାଯାଇନଥିବା ମତାମତ ଗ୍ରହଣ କରାଯିବ ନାହିଁ ।

ସ୍ୱା./-ସଦସ୍ୟ ସଚିବ

OSPCB-PH-MISC-0024-2025/2/2025 OIPR-08012/11/0248/2526

## ସଂକ୍ଷେପରେ

### ପାଣିରେ ବୁଡ଼ି ଜଣେ ମୃତ

ପାଟଣାଗଡ,୬।୫(ଆପ୍ର)

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ପୁଟିସବାହାଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଧୋଇବା ବେଳେ ପାଣିରେ ବୁଡ଼ିଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ଥବିର ବରିହା (୫୫)। ପ୍ରକାଶ ଯେ, ଥବିର ମଙ୍ଗଳବାର ସକାଳେ ଉକ୍ତ ଗ୍ରାମର ଜଣେ ଯୁବକଙ୍କ ବିଲରେ ଥିବା ଏକ ପୋଖରୀ (ଚହଲା)କୁ ଗାଧୋଇବା ପାଇଁ ଯାଇଥିଲେ । ହେଲେ କୌଣସି କାରଣରୁ ପାଣିରେ ବୁଡି ଯାଇଥିଲେ। ସେ ଆଉ ଘରକୁ ଫେରି ନ ଥିଲେ। ଗାଁର କେତେଜଣ ମହିଳା ଓ ପୁରୁଷ ଗାଧୋଇବା ପାଇଁ ସେଠାକୁ ଯାଇଥିବା ବେଳେ ପୋଖରୀ ନିକଟରେ ରଖା ଯାଇଥିବା ଥବିରଙ୍କ ଚପଲ ଓ ଲୁଙ୍ଗି ଦେଖିବାକୁ ପାଇଥିଲେ। ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଆସିବା ପରେ ପାଟଣାଗଡ ଦମକଳ ବାହିନୀକୁ ଜଣାଯାଇଥିଲା। ଦମକଳ ବାହିନୀ ପହଞ୍ଚି ତାଙ୍କୁ ପାଣି ଭିତରୁ ଉଦ୍ଧାର କରି ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ଥବିରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ନଂ ୧୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ଗଣେଶଙ୍କୁ ପଶ୍ଚିମ ଓଡ଼ିଶା ଯୁବ ସାଙ୍ଗଠନିକ ଦାୟିତ୍ୱ

ଲୋଇସିଂହା,୬।୫(ସୁଶାନ୍ତ ବାରିକ)

ଓଡିଶା ପ୍ରଦେଶ ଯୁବ କଂଗ୍ରେସ ତରଫରୁ ଜୋନାଲସ୍ତରୀୟ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଛି । ଏହି କ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଆଗଲପୁର



ଗଣେଶ କୁମାର ସାହୁ।

ବ୍ଲକ ଭରସୁଜାର ପୂର୍ବତନ ସରପଞ୍ଚ ଗଣେଶ କୁମାର ସାହୁଙ୍କୁ ପଶ୍ଚିମ ଓଡିଶା କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଛି। ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ସାହୁ ତାଙ୍କୁ ନିଯୁକ୍ତ କରିଛନ୍ତି। ନବନିଯୁକ୍ତ ଗଣେଶ ପଶ୍ଚିମ ଓଡିଶାର ୧୦ ଜିଲା ସମ୍ବଲପୁର, ବରଗଡ, ବଲାଙ୍ଗୀର, ଦେବଗଡ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆଡା, କଳାହାଣ୍ଡି, ଅନୁଗୋଳ ଓ ଝାରସୁଗୁଡା ଜିଲାର ସାଙ୍ଗଠନିକ ଦାୟିତ୍ୱ ନିର୍ବାହ କରିବେ । ଏହି ଖବର ପାଇବା ପରେ ଗଣେଶଙ୍କ ସମର୍ଥକଙ୍କ ମହଲରେ ଖୁସିର ଲହରି ଖେଳି ଯାଇଛି । ଦଳ ତାଙ୍କୁ ଯେଉଁ ସବୁ ଦାୟିତ୍ୱ ଦେବ ତାକୁ ନିଷ୍ଠା ଓ ଆଗ୍ରହର ସହିତ ସମ୍ପାଦନ କରିବି । ଏହାଛଡା ଯୁବ ଗୋଷ୍ଠୀର ହକ୍ ପାଇଁ ସଦାସର୍ବଦା ତାଙ୍କ ଲଢାଇ ଜାରି ରହିବ ବୋଲି ସାହୁ ପ୍ରତିକ୍ରିୟାରେ କହିଛନ୍ତି।



ବାର୍ଷିକ ଉତ୍ସବରେ କୁନି କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# 'ସଙ୍ଗୀତ ଅନ୍ତରାତ୍ମାକୁ ଛୁଇଁଯାଏ'

**ସଙ୍ଗୀତ ମହାବିଦ୍ୟାଳୟ 'ପଞ୍ଚମ'ର ୨୯ତମ ବାର୍ଷିକୋତ୍ସବ**

ବଲାଙ୍ଗୀର,୬।୫(ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ସଙ୍ଗୀତ ମହାବିଦ୍ୟାଳୟ 'ପଞ୍ଚମ'ର ୨୯ ତମ ବାର୍ଷିକୋତ୍ସବ ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲଠାରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ନାଟ୍ୟକାର ସ୍ୱର୍ଗତ ବ୍ରଜମୋହନ ମିଶ୍ର ଓ ଯୁବଶିଳ୍ପୀ ସୁନୀଲ ମହାରଣାଙ୍କ ବିୟୋଗରେ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ ଦିବ୍ୟରଞ୍ଜନ ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅନୁଷ୍ଠାନ ସଭାପତି ମୁରଲୀଧାରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଙ୍ଗଠକ ଡ. ଶ୍ରୀକର ମିଶ୍ର ମଞ୍ଚାସୀନ ଥିଲେ। ସଙ୍ଗୀତ କିଭଳି ଅନ୍ତରାତ୍ମାକୁ ଛୁଇଁଯାଏ ଏବଂ ବିଭୋର କରି ଅନ୍ୟକୁ ଭଲ ପାଇବାର ମନ୍ତ୍ରରେ ଅଭିମନ୍ତ୍ରିତ କରେ ସେ ସମ୍ପର୍କରେ ଅତିଥିମାନେ କହିଥିଲେ। ବଲାଙ୍ଗୀର ଜିଲାର ଗୌରବମୟ ସଙ୍ଗୀତ ପରମ୍ପରା ଏବଂ ସଙ୍ଗୀତ ସାଧନା କ୍ଷେତ୍ରରେ ଜିଲା କଳାକାରଙ୍କ ଭୂମିକାକୁ ଅତିଥିଦ୍ୱୟ ପ୍ରଶଂସା କରିଥିଲେ। ପଞ୍ଚମ ମହାବିଦ୍ୟାଳୟ ଏହି ପରମ୍ପରାକୁ ଆହୁରି ସୁଦୃଢ଼ କରୁଛି ବୋଲି ସେମାନେ କହିଥିଲେ। ଏହି ଅବସରରେ ବରିଷ୍ଠ କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ଦୀପ୍ତି ପ୍ରକାଶ ଦାସଙ୍କୁ ଗୁରୁଶ୍ରୀ ଚିତ୍ତରଞ୍ଜନ ସାହାଣୀ ସ୍ମୃତି ସମ୍ମାନ, ଯୁବ କଣ୍ଠଶିଳ୍ପୀ ତନ୍ମୟ କୁମାରଙ୍କୁ ପ୍ରଫୁଲ୍ଲ ପ୍ରଧାନ ପ୍ରତିଭା ସମ୍ମାନ ଓ ବର୍ଷାରାଣୀ ବହିଦାରଙ୍କୁ ମୁରଲୀଧର ବେହେରା ଯୁବ ପ୍ରତିଭା ପୁରସ୍କାର, ଯୁବସଙ୍ଗଠକ ଅଙ୍କୁଶ ପାଣ୍ଡିଆଙ୍କୁ ଭଗବାନ ପତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହାଛଡା ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁ ଗୌରକିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁ ଗୌର କିଶୋର ମହାପାତ୍ର, ମୁରଲୀଧାରି ପତି, ଶିରିଶା ଶୁଭଦର୍ଶିନୀ ପତିଙ୍କ ନିର୍ଦ୍ଦେଶନାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତବଲା ବାଦନ, ଓଡିଶୀ ନୃତ୍ୟ, ଗୋଷ୍ଠୀ ସଙ୍ଗୀତ, ଲଘୁ ଶାସ୍ତ୍ରୀୟ ନୃତ୍ୟ, ଶିବ ତାଣ୍ଡବ ଓ ଗୀତି ନାଟ୍ୟ କାଞ୍ଚି ଅଭିଯାନ ପରିବେଷଣ କରିଥିଲେ। ବାଦ୍ୟ ଯନ୍ତ୍ରରେ ସମ୍ବିତ କୁମାର, ଶୁଭେନ୍ଦୁ, କ୍ରିଷ୍ଣରାଜ, ସଂସ୍କାର ସୋମ, ସ୍ୱରିତ, ଚୈତନ୍ୟ ମଟାରୀ, ମନୋରଞ୍ଜନ ବେହେରା, ରାଜେନ୍ଦ୍ର ନାୟକ, କ୍ଷେତ୍ରବାସୀ ଆନୁସଙ୍ଗିକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁ ଦୀପକ କୁମାର ବରାଳ, ଗୁରୁ ଡି. ଶଙ୍କର ନାରଣ ମୂର୍ତ୍ତି, ପ୍ରଭଞ୍ଜନ ରାୟ, ରମଣି ରଞ୍ଜନ ପଟ୍ଟନାୟକ, ଜିକୁ, ରାଜ, ସୋନୁ, ଡାକ୍ତର, ଆଶୁ, ସୁଦାମ, ସଞ୍ଜୀବ, ସରୋଜ, ନୀଲିପ, ଶିବା ଏବଂ ଅନୁଷ୍ଠାନର ଅନ୍ୟ ସଭ୍ୟ ସହଯୋଗ କରିଥିଲେ।

## ଷ୍ଟ୍ରିଟ୍ ଲାଇଟ ସୁବିଧା ପାଇଲେ ଦଳିତପଡ଼ାବାସୀ

ଲାଠୋର,୬।୫(ଭୁବନେଶ୍ୱର ବାରିକ)



ସାନଗୁର୍ଜିଭଟା ଦଳିତ ପଡ଼ାରେ ଷ୍ଟ୍ରିଟ ଲାଇଟ ଲଗାଯାଉଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ଗ୍ରାମର ଦଳିତପଡ଼ା ଅଧିବାସୀ ଷ୍ଟ୍ରିଟ ଲାଇଟ ସୁବିଧା ପାଇଥିବା ନେଇ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ପଡ଼ାରେ ୧୨ ପରିବାର ବସବାସ କରନ୍ତି । ପଡ଼ାର ରାସ୍ତାପାର୍ଶ୍ୱରେ ବିଦ୍ୟୁତ୍ ଯୋଗାଣ ସୁବିଧା ପାଇଁ ୩ ଗୋଟି ବିଦ୍ୟୁତ ଖୁଣ୍ଟ ରହିଥିଲା। ହେଲେ ଦୀର୍ଘ ଦିନ ହେବ ସେହି ଖୁଣ୍ଟଗୁଡିକରେ ଲାଇଟ ଲଗାଯାଇ ନ ଥିଲା । ଫଳରେ ପଡ଼ାବାସୀ ରାତି ସମୟରେ ଯିବା ଆସିବା ବେଳେ ଅନ୍ଧାର ଯୋଗୁ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏନେଇ ଦୈନିକ ଧରିତ୍ରୀରେ ଗତ ୪ ତାରିଖ ଦିନ 'ଲାଗୁନି ଷ୍ଟ୍ରିଟ୍ ଲାଇଟ, ଅନ୍ଧାରରେ ଦଳିତପଡ଼ା ଅଧିବାସୀ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ଅଞ୍ଚଳର ଶିକ୍ଷାବିତ୍ ଗଜମଣି ବାଗ ଏକ୍ସ ଯୋଗେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ,ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ଜିଲାପାଳ, ପାଟଣାଗଡ ଉପଜିଲାପାଳ ଏବଂ ଟିପିଡବ୍ଲୁଓଡିଏଲରେ ଅଭିଯୋଗ କରି ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ଅନୁରୋଧ କରିଥିଲେ। ଏଥିରେ ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରି ସୋମବାର ଦିନ ପଡ଼ାରେ ଥିବା ୩ ଗୋଟି ଖୁଣ୍ଟରେ ଲାଇଟ ଲଗାଇବା ବ୍ୟବସ୍ଥା କରିଥିବା ନେଇ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ଲାଇଟ ଲାଗିବା ପରେ ପଡ଼ାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିବା ବେଳେ ଏଥିପାଇଁ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ଧରିତ୍ରୀ ପ୍ରଭାବ**

## ସୁଦପଡ଼ା ଶୀତଳଷଷ୍ଠୀ ପୂଜା କମିଟିର ପ୍ରସ୍ତୁତି ବୈଠକ

ବଲାଙ୍ଗୀର,୬।୫(ବୀରେନ୍ଦ୍ର କୁମାର ଝାଙ୍କର)

ସୁଦପଡା ଭାଗବତ ମନ୍ଦିର ସମ୍ମୁଖରେ ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ସୁଦପଡାର ୪୫ତମ ଶୀତଳଷଷ୍ଠୀ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ପୂଜା ପରିଚାଳନା କମିଟିର ସଭାପତି ଭାବେ ସୁବଳ ଖିରସେଲ, ଉପସଭାପତି ଭାବେ ରାଜା ସାମନ୍ତରାୟ, ସମ୍ପାଦକ ଭାବେ ସନ୍ତୋଷ କୁମାର ପଣ୍ଡା, ସହସମ୍ପାଦକ ଭାବେ କ୍ଷିତୀଶ ରଞ୍ଜନ ମିଶ୍ର, କୋଷାଧକ୍ଷ ଭାବେ ସୁଶାନ୍ତ ଜାଲଙ୍କୁ ମନୋନୀତ କରାଯାଇଛି। କମିଟି ଉପଦେଷ୍ଟା ସତ୍ୟ ନାରାୟଣ ଭୋଇ, ଦୁର୍ଗାଚରଣ ବେହେରା, କଓଲଜିତ୍ ସିଂ, ବିପିନ ପାଢ଼ୀ, ରାଜେନ୍ଦ୍ର ପୁରୋହିତ, ପରେଶ ବରର୍ତ୍ତି, ଶୁଭ୍ରାଂଶୁ ପାଣ୍ଡେ, ରାଜେଶ ଦୋରା, ମନ ମନହୀରା, କ୍ଷୀରୋଦ ନାଗ, ମୋତିଲାଲ ସାହୁ ଏବଂ କମିଟି ସଭ୍ୟ ଆନନ୍ଦ ସାହୁ, ଅରୁଣ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଶ୍ରୀଶ୍ରୀ ଲୋକନାଥ ବାବାଙ୍କୁ ନେଇ ବରପକ୍ଷ ସୁଦପଡା କନ୍ୟାପକ୍ଷ ମାତା ପାର୍ବତୀଙ୍କ ବାସଭବନକୁ ବିବାହ ପାଇଁ ଆସିବେ ବୋଲି ସୂଚନା ଦିଆଯାଇଛି।

# ଆଉ ୨ ଅଭିଯୁକ୍ତ ଗିରଫ

ଲୋଇସିଂହା,୬।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ହୀରାପୁର ଛକ ସାପ୍ତାହିକ ବଜାରରୁ ସଶସ୍ତ୍ର ଡକାୟତି ଉଦ୍ୟମ ପଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ଆଉ ୨ ଜଣ ଅଭିଯୁକ୍ତଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋଇସିଂହା ଥାନା ଅନ୍ତର୍ଗତ ବାରଡୋଲ ଗ୍ରାମର ଅଜୟ ବାରିକ(୩୨) ଓ ସନାତନ ସୁନା(୩୩)। ସୋମବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସ ଯାଜ୍ଞସିନୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତ । ପୋଲିସ ସୂଚନା ଅନୁଯାୟୀ, ଗତ ମାସ ୧୯ ତାରିଖରେ ଲୋଇସିଂହା ଥାନା ହୀରାପୁର ଛକ ସାପ୍ତାହିକ ବଜାରରେ ୫ ଜଣ ଯୁବକ ଏକତ୍ରିତ ହୋଇ ଡକାୟତି ପାଇଁ ଯୋଜନା କରୁଥିଲେ। ସେହିଦିନ ସମ୍ପୃକ୍ତ ଅଞ୍ଚଳରେ ଏକ ବାହାଘର ରହିଥିଲା । ବାହାଘର ଉତ୍ସବକୁ କଳଙ୍କାର ପରିଧାନ କରି ଆସିଥିବା ମହିଳା ଏବଂ ୨୬ ନଂ ଜାତୀୟ ରାଜପଥରେ ଯାଉଥିବା ଯାତ୍ରୀଙ୍କ ଠାରୁ ଲୁଟପାଟ କରିବା ଉକ୍ତ ଗୋଷ୍ଠୀର ଟାର୍ଗେଟ ରହିଥିଲା। ହେଲେ ଏହି ସମୟରେ ପାଟ୍ରୋଲିଂ କରୁଥିବା ଲୋଇସିଂହା ପୋଲିସ କୌଣସି ବିଶ୍ୱସ୍ତ ସୂତ୍ରରୁ ଏହା ଜାଣିବାକୁ ପାଇଥିଲେ। ପରେ ଆଇଆଇସି ଯାଜ୍ଞସିନୀ ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟମ୍ ସେଠାରେ ଚଢାଉ କରିଥିଲେ। ଚଢାଉ ବେଳେ ଲୋଇସିଂହା ଥାନା ବାରଡୋଲ ଗ୍ରାମର ଆକାଶ ନାଗ(୨୩) ଓ ଆଶିଷ ବାରିକ ଓରଫ ଓମ୍ (୨୫)ଙ୍କୁ ପୋଲିସ କାବୁ କରିଥିବା ବେଳେ ସେମାନଙ୍କ ନିକଟରୁ ଏକ ପିସ୍ତଲ ଜବତ କରିଥିଲା । ପୋଲିସ ଅନୁସନ୍ଧାନରୁ ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଥାନା ଅଞ୍ଚଳରେ ଏପ୍ରିଲ ୧୭ରେ ସଂଘଟିତ ଗୁଳିମାଡ ଘଟଣାରେ ଆକାଶ ଓ ଆଶିଷ ଅଭିଯୁକ୍ତ ଥିବା ଜାଣିବାକୁ ପାଇଥିଲା। ସେହିଦିନ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଅପରପକ୍ଷେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିଲା । ଏବେ ବି ଡକାୟତି ପଣ୍ଡ ଘଟଣାରେ ଆଉ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ଦ୍ୱାରା ଧରା ପଡିଥିବା ଗୋଷ୍ଠୀ ଦୀର୍ଘବର୍ଷ ହେଲା ଲୋଇସିଂହା ସମେତ ବିଭିନ୍ନ ଅଞ୍ଚଳରେ ଆତଙ୍କରାଜ ସୃଷ୍ଟି କରି ଆସୁଥିଲେ ।



ଗିରଫ ସନାତନ ଓ ଅଜୟ ।

**ହୀରାପୁର ଛକ ଡ଼କାୟତି ପଣ୍ଡ ଘଟଣା**

- ପୂର୍ବରୁ ହୋଇଥିଲେ ୨ ଗିରଫ
- ଏବେ ବି ଜଣେ ଫେରାର

## ଜିଜ୍ଞାସା ପକ୍ଷରୁ ଶିଶୁ ସାହିତ୍ୟ ଉପରେ ଆଲୋଚନାଚକ୍ର

ଟିଟିଲାଗଡ/କଣ୍ଟାବାଞ୍ଜି,୬।୫(ଶରତ ମିଶ୍ର/ଗୁରୁ ଦୟାଲ ହଂସ)

ଜିଜ୍ଞାସା ଶିଶୁ-ସାହିତ୍ୟ ଗବେଷଣା କେନ୍ଦ୍ର ଟିଟିଲାଗଡ଼ ଆନୁକୂଲ୍ୟରେ ଟିଟିଲାଗଡ଼ ସାଇ ମନ୍ଦିର ନିକଟସ୍ଥ ବଗିଚାରେ ଶିଶୁ ସାହିତ୍ୟ ଉପରେ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଞ୍ଚାଳକ ଡ.ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଶିକ୍ଷାବିତ୍ ବିଶ୍ୱରାମ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରାମଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନିର୍ଝରିଣୀ ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ମୁଖ୍ୟବକ୍ତା, ଡ. ନାରାୟଣ ମିଶ୍ର ଓ ବୃନ୍ଦାବନ କୁମ୍ଭାର ଆଲୋଚକ ଭାବରେ ଯୋଗ ଦେଇଥିଲେ। ପ୍ରଥମେ ଡ.ଷଡ଼ଙ୍ଗୀ ଶିଶୁ ସାହିତ୍ୟର ବିକାଶ ନିମନ୍ତେ ମାର୍ଗଦର୍ଶନ ଦେଇଥିଲେ । ପରେ 'ଶିଶୁର ସୃଜନଶୀଳତା ବିକାଶ ନିମନ୍ତେ ସର୍ବନିମ୍ନ ଶିକ୍ଷଣ' ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ରାମଚନ୍ଦ୍ର ସାହୁ,ବିରଞ୍ଚି ନାରାୟଣ ଦାଶ ଓ ନାରାୟଣ ମିଶ୍ରଙ୍କ ଜନ୍ମଦିନ ପାଳନ କରାଯାଇ ପ୍ରତିଷ୍ଠାତା ଡ.ଷଡ଼ଙ୍ଗୀଙ୍କ ଦ୍ୱାରା ସେମାନଙ୍କୁ ଉପଢୌକନ ଓ ପୁସ୍ତକ ପ୍ରଦାନ କରାଯାଇଥିଲା। କଣ୍ଟାବାଞ୍ଜି, ତୁରେକେଲା, ବଙ୍ଗୋମୁଣ୍ଡା, ବଲାଙ୍ଗୀରରୁ କୁଞ୍ଜ ବିହାରୀ ବେହେରା, ନରେନ୍ଦ୍ର ପ୍ରସାଦ ସୁନା, ଅମିର ଛତ୍ରିଆ, ଇଂ ରମେଶ ମିଶ୍ର, ସସ୍ମିତା ଷଡ଼ଙ୍ଗୀ, ପ୍ରମୋଦିନୀ ଷଡ଼ଙ୍ଗୀ, ଅଲେଖ ରଣା, ଚନ୍ଦନ ଷଡ଼ଙ୍ଗୀ, ମୁକ୍ତା ଦେବୀ,ରୁବି ବିଶ୍ୱାଳ, ନିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।ସାହିତ୍ୟିକ ଜ୍ୟୋତି ପ୍ରକାଶ ଗଡତ୍ୟା ପରିଚାଳନା କରିଥିବା ବେଳେ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଚୂଡ଼ାନ୍ତ ପ୍ରସ୍ତୁତି ବୁଲି ଦେଖିଲେ ଜିଲାପାଳ



ଜିଲାପାଳ ଅନ୍ୟମାନଙ୍କ ଗହଣରେ ମହୋତ୍ସବ ସ୍ଥଳ ବୁଲି ଦେଖୁଛନ୍ତି।

**ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା, ହରିଶଙ୍କର ମହୋତ୍ସବ**

**ରାଜ୍ୟପାଳଙ୍କ ଗସ୍ତକୁ ନେଇ ତତ୍ପରତା**

ଖପ୍ରାଖୋଲ,୬।୫(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ଆଗାମୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାପାଳ ଗୌରବ ଶିବାଜୀ ଇସଲୱାଲ ହରିଶଙ୍କର ଗସ୍ତ କରି ଚୂଡାନ୍ତ ପ୍ରସ୍ତୁତିର ତଦାରଖ କରିଥିଲେ । ଏହି ଅବସରରେ ଜିଲାପାଳ ପ୍ରଥମେ ପ୍ରଦର୍ଶନୀ ପଡ଼ିଆ, ମନ୍ଦିର ପରିସର, ଝରଣା କୂଳ, ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ଥିବା ମଞ୍ଚ, ଓଡ଼ିଶାର ରାଜ୍ୟପାଳଙ୍କ ଗସ୍ତ ପାଇଁ ହୋଇଥିବା ପ୍ରସ୍ତୁତିର ତଦାରଖ କରିବା ସହିତ ହେଲିପ୍ୟାଡ୍ ପଡିଆ, ରହଣି ସ୍ଥଳ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମ ଯେପରି ସଫଳ ହେବ ସେଥିପାଇଁ ସମସ୍ତେ ଉଦ୍ୟମ କରିବାକୁ କହିବା ସହିତ ପ୍ରଥମ ଥର ରାଜ୍ୟର ରାଜ୍ୟପାଳ ମେଳାକୁ ଆସୁଥିବାରୁ ସୁବ୍ୟବସ୍ଥା ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ପାଟଣାଗଡ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ମେହେର,ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପାଟଣାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଆସିଷ୍ଟାଣ୍ଟ କଲେକ୍ଟର ପଦ୍ମନାଭ ମହାରଣା, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଉପସ୍ଥିତ ଥିଲେ । ଏହାଛଡା ପାଟଣାଗଡ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅରୁଣ କୁମାର ଟେଟେ, କନିଷ୍ଠ ଯନ୍ତ୍ରୀ ଅମିତ କୁମାର ସାମଲ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଦେବଦତ୍ତ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସସ୍ମିତ ପରିଡ଼ା, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ସୂର୍ଯ୍ୟଭାନୁ ମେହେର, ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାର, କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନ,ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଦେବୋତ୍ତର କମିଟି ସଦସ୍ୟ ଶଶୀ ପୂଝାରୀ, ଅଭୟ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

**BRAHMAPUR DEVELOPMENT AUTHORITY**
Near Courtpeta Junction, Brahmapur, Odisha-760004
0680 2292797(O), 0680-2292033(F)
bda.brahmapur311@gmail.com www.bdabrahmapur.in
No.153/BeDA, Brahmapur, dated 28.04.2025

**PUBLIC NOTICE**

**No.CAD-316** : In exercise of the power conferred under Section-14 sub section (3) of ODA Act, 1982, I am through this public notice bring attention of the general public that the modification of CDP Brahmapur is to be carried out in respect of Plot No. 1478,1477, 1475/1754, 1479, 1479/3732, 1479/3442, 1479/3747, 1479/3636 and 1479/3693, Khata No.597, 742/2376, 742/2105,742/1633, 742/2120,742/1913 and 742/3138, an area of Ac.0.572 of Mouza Gopabandhunagar, which is coming under Green Belt use zone as per CDP to be modified to residential use zone. The land owner Sri Sarat Chandra Panigrahi & others, all are at New Street, Po/Ps: Gosaninuagoan, Brahmapur appealed before the Hon'ble Appellate Court of R.D.C.(SD) Brahmapur vide ODA appeal Case No.2/2022 for change of land use zone from "Green belt" use zone to "Residential zone". After proper hearing, the Hon'ble Appellate Court passed an order on 30.6.2023 stating that "at the first instance move a proposal under Section 14(2) of ODA Act to Govt. in H&UD Department with adequate justification for necessary change in classification".

For such modification, objections and suggestions are invited from general public which shall be filed within 60 (sixty) days from the date of publication of this notice in the local news paper or in our official website www.bdabrahmapur.in. whichever is later. Any person desires to see the modification can visit the office of BEDA Brahmapur during office hours in any working days. Any objections filed beyond sixty days shall not be entertained.

By order of Vice-Chairman
Sd./- Secretary
BeDA Brahmapur
OIPR-13086/11/0005/2526

**OFFICE OF THE DIVISIONAL FOREST OFFICER, DHENKANAL DIVISION**
Tele Fax No-06762226717, e-mail Id - dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2025-26 OF DHENKANAL DIVISION**

**No.MM-23** : THE RE-TENDER FOR SUPPLY OF ANIMAL FEED ITEMS TO KAPILASH ZOO FOR THE YEAR 2025-26 IS INVITED FROM INTENDING PERSONS /FIRMS. THE TENDER WILL BE RECEIVED TILL **1.00 P.M. OF 15.05.2025** BY POST AND TO BE OPENED ON **DT.17.05.2025 AT 9:00A.M** IN DIVISIONAL FOREST OFFICE, DHENKANAL. FOR DETAIL PARTICULARS, THE UNDERSIGNED MAY BE CONTACTED DURING OFFICE HOURS.

Sd./- Divisional Forest Officer
Dhenkanal Division
OIPR-08037/11/0017/2526

**PANCHAYAT SAMITI,**
**RARUAN, DIST-MAYURBHANJ (Odisha) PIN-757035**
Adv No-01/2025-26

**Tender Call Notice**

**No.i-72** : Sealed tenders (Percentage rate) are invited for 07 no's of works from the interested "C"/"D" Class Contractors registered with the Govt. for execution of civil works under Panchayat Samiti, Raruan, Dist- Mayurbhanj. The details notification is available at official website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Raruan, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 19.05.2025** through Regd/Speed post and the same will be opened on **10.00 A.M. of 20.05.2025**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer,
Raruan, Mayurbhanj
OIPR-19311/11/0002/2526

Forest Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION**
Email - dfo.jharsuguda@odisha.gov.in, Ph. - 06645-295040
**Tender Notification No.99 1F(Acct)/Date 03.05.2025**
No.MM-26

| Sl. No. | Name of the work | : | Supply and delivery tall tree seedlings of selected tree species (in 25 cm x 25 cm polybags with an average height of 10 ft or above) |
|---|---|---|---|
| 1 | Estimated Cost | : | Depending upon funds availability & requirement of seedling at site |
| 2 | Period & time of Completion | : | 15 days from the date of issue of orders or before 1st July 2025 |
| 3 | Location of Plantation | : | Across Jharsuguda Forest Division |
| 4 | Date & time of availability of the bid document in the portal | : | 05.05.2025 to 16.05.2025 |
| 5 | Last date/Time for receipt of bids in the portal | : | Up to 5.00 P.M. of 16.05.2025 |
| 6 | Date & Time of bid opening | : | 10.30 hours on Dated. 17.05.2025 |
| 7 | Name & Address of the officer inviting Bid | : | Divisional forest officer, Jharsuguda Forest Division, At-BTM, Jharsuguda, PIN-768202 |

Note : The total quantity may be based on field requirement. Final quantity will be communicated in work order.

Others can see the details from Notice inviting Tenders, available in website-https://jharsuguda.odisha.gov.in, Corrigendum if any, shall only be published in the above website

Sd./- Divisional Forest Officer,
Jharsuguda Forest Division
OIPR-08054/11/0016/2526

**OFFICE OF THE MUNICIPAL COUNCIL, SONEPUR**
No.1135/Dt.05.05.2025

**QUOTATION CALL NOTICE**

**No.C-243** : Sealed quotations are invited in prescribed proforma from the reputed ISI certified firms/Manufactures/Authorised Dealers having GST clearance certificate, PAN No., Sale Tax. The quotationer shall have to quote the price item of their respective company for supply and installation of **reputed brand Water Cooler 150/150 FSS** in Subarnapur Municipality for the year 2025-26. The rate quoted documents should be submitted to the undersigned on or before **19.05.2025 up to 01.00 P.M.** and the same will be opened **on dt.20.05.2025 at 10.00 A.M.** in presence of quotationers or their authorised representatives. Beyond the date no quotation shall be entertained, the quotation paper with terms and conditions is available in district website of Subarnapur i.e. www.subarnapur.nic.in w.e.f **06.05.2025 to 19.05.2025**. The quotationer shall have to deposit Rs.5000/- (Rupees Five Thousand) only towards EMD money & Rs.500/- (Rupees Five Hundred) only towards paper cost in shape of D.D in favour of Executive Officer, Subarnapur Municipality payable at Sonepur Nationalised Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.

Sd./- Executive Officer
Sonepur Municipality
OIPR-13098/11/0034/2526

## ସଂକ୍ଷେପରେ

### ବରଗଡ଼ରେ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

**ବିନା ମୂଲ୍ୟରେ ମିଳିବ ଆଇନ ସେବା**

ବରଗଡ଼ ୬।୫(ପ୍ରେମାନନ୍ଦ ଖମାରୀ): ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନସେବା ଯୋଗାଇଦେବା ଲକ୍ଷ୍ୟରେ ଆସନ୍ତା ମଇ ୧୦ ତାରିଖ ବରଗଡ଼ ଜିଲାରେ ଅନୁଷ୍ଠିତ ହେବାକୁ ଯାଉଛି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ। ଏହା ବରଗଡ କୋର୍ଟ ସମେତ ପଦ୍ମପୁର, ସୋହେଲା, ବରପାଲି, ଭେଡେନ, ଅତାବିରା ଓ ବିଜେପୁର କୋର୍ଟ ପରିସରରେ ଅନୁଷ୍ଠିତ ହେବ ବୋଲି ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଏହି ଲୋକ ଅଦାଲତରେ ଅସହାୟ ଗରିବ ଲୋକଙ୍କ ମୋକଦ୍ଦମାର ନ୍ୟାୟ ବିନା ମୂଲ୍ୟରେ ପ୍ରଦାନ କରାଯିବ। ଅଧିକରୁ ଅଧିକ ଲୋକ ସେମାନଙ୍କର ମୋକଦ୍ଦମାକୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପଞ୍ଜୀକରଣ କରାଇ ଏହାର ସୁବିଧା ନେବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅନୁରୋଧ କରିଛନ୍ତି। ସେହିଦିନ ସକାଳ ୭ଟାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ବରଗଡ଼ ଜିଲାର ବିଭିନ୍ନ କୋର୍ଟ ପରିସରରେ ଆରମ୍ଭ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ, ଚାକିରି ସମ୍ବନ୍ଧୀୟ, ଅବସରକାଳୀନ ପ୍ରାପ୍ୟ ମାମଲା ଓ ରାଜସ୍ୱ ମାମଲାର ଆପୋସ ସହମତିରେ ସମାଧାନ କରାଯିବ ବୋଲି ସୂଚନା ଦିଆଯାଇଛି।

### ସ୍ମୃତି, ଉଲିନା ବିଶ୍ୱବିଦ୍ୟାଳୟ ଟପ୍ପର

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବରଗଡ଼ ଜିଲା ଭଟଲି ବ୍ଲକ କମଗାଁସ୍ଥିତ ଶକୁନ୍ତଳା ବିଦ୍ୟାଧର ମହିଳା ସ୍ନାତକ ମହାବିଦ୍ୟାଳୟ ଛାତ୍ରୀମାନେ ଉନ୍ନତ ମାନର ସଫଳତା ହାସଲ କରିଛନ୍ତି। ହିନ୍ଦୀ ବିଭାଗରେ ସ୍ମୃତି ବାରିକ ଏବଂ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗରେ ଉଲିନା ସାହୁ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ବିଭିନ୍ନ ସମ୍ମାନରେ ଉକ୍ତ ମହାବିଦ୍ୟାଳୟର ୧୭୫ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୭୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧୬ଜଣ ପ୍ରଥମ ଶ୍ରେଣୀ ସମ୍ମାନ ସହିତ ପାଇଛନ୍ତି। ୧୫ଜଣ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୧୦ ସ୍ଥାନରେ ରହିଛନ୍ତି। ଶିକ୍ଷା ସମ୍ମାନରେ ଶିବାନୀ ସାହୁ ତୃତୀୟ, ଇଂଲିଶ ବିଭାଗରେ କୁମାରୀ ସୋନମ ବାରିକ ଦ୍ୱିତୀୟ, ସିମରାନ ବେହେରା ସପ୍ତମ, ହିନ୍ଦୀ ବିଭାଗରେ ଆଶା ପଧାନ ଦ୍ୱିତୀୟ, ଭୂମିକା ଭୋଇ ଅଷ୍ଟମ, ରୋଜିସ୍ମିତା ସାହୁ ନବମ, ଓଡ଼ିଆ ବିଭାଗରେ ଶୁଭଶ୍ରୀ କାଣ୍ଡ ନବମ, କ୍ରିଷ୍ଣା ଭୋଇ ଦଶମ, ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନରେ ମାଧୁରୀ ସାହୁ ଦ୍ୱିତୀୟ, ତୁଷାରିକା ଶତପଥୀ ତୃତୀୟ, ନିହା ପଧାନ ଚତୁର୍ଥ, ଗୃହ ବିଜ୍ଞାନରେ ଝିନ୍ନି ସାହୁ ଚତୁର୍ଥ ଓ ମିନି ମେହେର ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲମ୍ବୋଦର ସାହୁ, ଶକୁନ୍ତଳା ବିଦ୍ୟାଧର ଟ୍ରଷ୍ଟ ସମ୍ବଲପୁରର ଟ୍ରଷ୍ଟି ତଥା ମହାବିଦ୍ୟାଳୟ ଉପଦେଷ୍ଟା ଡ. କାମଦେବ ସାହୁ, ରଞ୍ଜିତ ସାହୁ ଓ ସୁବନ୍ଦିତା ମିଶ୍ର, ଟ୍ରଷ୍ଟି ତଥା କମଗାଁ ଯୁକ୍ତ୨ ମହାବିଦ୍ୟାଳୟ ପ୍ରାଧ୍ୟାପକ ରବିନାରାୟଣ ସାହୁ, ଅଧକ୍ଷ ପ୍ରେମାନନ୍ଦ ପଟେଲ, ମହାବିଦ୍ୟାଳୟ ଅଧକ୍ଷ ଡ. ରତିକାନ୍ତ ସାହୁ କୃତୀ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମୌଳିକ ସେବା ନ ପାଇ ଯାତ୍ରୀ ହଟହଟା

**ବରଗଡ଼ ସରକାରୀ ବସଷ୍ଟାଣ୍ଡ**

- ଶୌଚାଳୟରେ ତାଲା, ଯାତ୍ରୀ ହଟହଟା
- ଆଖି ବୁଜିଛନ୍ତି ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀ

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ)



ସରକାରୀ ବସଷ୍ଟାଣ୍ଡ ଶୌଚାଳୟରେ ତାଲା ଝୁଲୁଛି।

ବରଗଡ଼ ସରକାରୀ ବସଷ୍ଟାଣ୍ଡର ସମସ୍ୟା ଅସମାହିତ ହୋଇ ରହିଛି। ଏଠାରେ ପରିମଳ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ଡ୍ରେନେଜ ଅବ୍ୟବସ୍ଥା ନିତିଦିନିଆଁ ଘଟଣା ହୋଇଥିବାବେଳେ ବର୍ତ୍ତମାନ ବସଷ୍ଟାଣ୍ଡ ପରିସରରେ ରହିଥିବା ଶୌଚାଳୟରେ ମଧ୍ୟ ତାଲା ଝୁଲୁଛି। ଫଳରେ ଏଠାକୁ ଆସୁଥିବା ଯାତ୍ରୀମାନେ ହଟହଟା ହେଉଛନ୍ତି। ବସଷ୍ଟାଣ୍ଡ କର୍ତ୍ତୃପକ୍ଷଙ୍କ ସମେତ ସ୍ଥାନୀୟ ପୌର ପ୍ରଶାସନ ଏବଂ ଜନ ପ୍ରତିନିଧିଙ୍କ ଆଖି ଆଗରେ ଏଭଳି ଅବ୍ୟବସ୍ଥା ଲାଗି ରହିଛି। ଏହାସତ୍ତ୍ୱେ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି।

ଉକ୍ତ ସରକାରୀ ବସଷ୍ଟାଣ୍ଡ ରାଜ୍ୟର ସର୍ବପୁରାତନ ବସଷ୍ଟାଣ୍ଡ ମଧ୍ୟରୁ ଗୋଟିଏ ଅଟେ। ରାଜ୍ୟର ଅନ୍ୟ ସରକାରୀ ବସଷ୍ଟାଣ୍ଡ ଗୁଡ଼ିକୁ ଆଧୁନିକୀକରଣ ତଥା ନବୀକରଣ କରାଯାଇ ଥିବାବେଳେ ଏହି ବସଷ୍ଟାଣ୍ଡ ପ୍ରତି ସରକାର ଆଖି ବୁଜି ଦେଇଛନ୍ତି। ଉକ୍ତ ବସଷ୍ଟାଣ୍ଡ ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡ ପାଖକୁ ସ୍ଥାନାନ୍ତର କରାଯିବ ବୋଲି ସରକାରୀସ୍ତରରେ ପରିକଳ୍ପନା କରାଯାଇଛି। ଏଥିପାଇଁ ସ୍ଥାନୀୟ ବିଧାୟକ ଏବଂ ବିଭାଗୀୟ ଅଧିକାରୀବୃନ୍ଦ ଜାଗା ଚିହ୍ନଟ କରିଛନ୍ତି। ତେବେ ବର୍ତ୍ତମାନ ସହର ମଧ୍ୟରେ ରହିଥିବା ସର୍ବପୁରାତନ ସରକାରୀ ବସଷ୍ଟାଣ୍ଡରୁ ଯାତ୍ରୀମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଅପହଞ୍ଚ ହୋଇପଡ଼ିଥିବାବେଳେ ନୂଆ ସରକାରୀ ବସଷ୍ଟାଣ୍ଡ ମଧ୍ୟ ଜାଗା ଚିହ୍ନଟରେ ସୀମିତ ରହି ଯାଇଛି।

ବରଗଡ଼ ସରକାରୀ ବସଷ୍ଟାଣ୍ଡ ଦେଇ ରାଜ୍ୟର ସମ୍ବଲପୁର, ବଲାଙ୍ଗିର, ସୁନ୍ଦରଗଡ଼, ଭୁବନେଶ୍ୱର, କେନ୍ଦୁଝର, ଭବାନୀପାଟଣା, ଦେବଗଡ଼, ସୋନପୁର ଆଦି ଜିଲାକୁ ନିୟମିତ ବସ୍ ଯାତାୟାତ କରୁଛି। ସେହିପରି ବରଗଡ଼-ସମ୍ବଲପୁର ମଧ୍ୟରେ ସିଟିବସ୍ ଯାତାୟାତ କରୁଥିବାବେଳେ ଏଠାରୁ ବରଗଡ଼ ବ୍ଲକର ବିଭିନ୍ନ ବ୍ଲକକୁ ଲକ୍ଷ୍ମୀ ବସ୍ ମଧ୍ୟ ପ୍ରତିଦିନ ଯିବା ଆସିବା କରୁଛି। ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଚାକିରିଆ, ଚାଷୀ, ବ୍ୟବସାୟୀଙ୍କ ସମେତ ସାଧାରଣ ଜନତା ଉକ୍ତ ବସଷ୍ଟାଣ୍ଡ ଉପରେ ନିର୍ଭର କରିଥାନ୍ତି। ଫଳରେ ଏହି ବସଷ୍ଟାଣ୍ଡରେ ସବୁଦିନ ଯାତ୍ରୀଙ୍କ ଗହଳି ଲାଗି ରହିଥାଏ।

ବସଷ୍ଟାଣ୍ଡରେ ବସ୍ ସଂଖ୍ୟା ବଢୁଛି। ଅନୁରୂପଭାବେ ଯାତ୍ରୀଙ୍କ ସମସ୍ୟା ମଧ୍ୟ ବୃଦ୍ଧି ପାଉଛି। କିନ୍ତୁ ବସଷ୍ଟାଣ୍ଡର ସମସ୍ୟା ଯେଉଁ ଟିମିରେକୁ ସେହି ଟିମିରେ ରହିଯାଇଛି। ଏଠାରେ ସାମାନ୍ୟ ବର୍ଷା ହେଲେ ବସଷ୍ଟାଣ୍ଡ ପରିସରରେ ନର୍ଦ୍ଦମା ପାଣି ଜମି ରହୁଛି। ସେହିପରି ଏଠାରେ ଥିବା ଶୌଚାଳୟର ଅବସ୍ଥା ମଧ୍ୟ ସମାନ ଅଟେ। ଥରେ ଖରାପ ହେଲେ ମାସମାସ ଧରି ଶୌଚାଳୟରେ ତାଲା ଝୁଲୁଛି। ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତତ୍କାଳୀନ ବରଗଡ଼ ଲୋକସଭା ଏମ୍‌ପି ସଞ୍ଜୟ ଭୋଇଙ୍କ ଅନୁଦାନ ପାଣ୍ଠିରେ ଉକ୍ତ ବସଷ୍ଟାଣ୍ଡ ପରିସରରେ ଶୌଚାଳୟ ଏବଂ ଥଣ୍ଡା ପାନୀୟଜଳ ପ୍ରକଳ୍ପ ହୋଇଛି।

ତେବେ ଶୌଚାଳୟ ବାରମ୍ବାର ଖରାପ ହେବା ଯୋଗୁ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏହାର ନବୀକରଣ କରାଯାଇଥିଲା। ଶୌଚାଳୟ ମଧ୍ୟ କାର୍ଯ୍ୟକ୍ଷମ ହୋଇଥିଲା। ପୌର ପ୍ରଶାସନ ଏହାର ଦାୟିତ୍ୱ ନେଇଥିଲା ଏବଂ ଯାତ୍ରୀମାନେ ମଧ୍ୟ ଉପକୃତ ହେଉଥିଲେ। କିନ୍ତୁ ବର୍ତ୍ତମାନ ଏହି ଶୌଚାଳୟ ପୁଣି ଅଚଳ ହୋଇ ପଡ଼ିଛି ଏବଂ ସେଠାରେ ତାଲା ଝୁଲୁଛି। ଫଳରେ ପରିସ୍ରା ପାଇଁ ଯାତ୍ରୀମାନଙ୍କୁ ହଟହଟା ହେବାକୁ ପଡୁଛି। ଅନ୍ୟପଟେ ଶୌଚାଳୟ ପଛପଟ ଖୋଲା ପରିସ୍ରାଗାର ପାଲଟିଛି। କେବଳ ସେତିକି ନୁହେଁ, ଶୌଚାଳୟ ପାଖରେ ନର୍ଦ୍ଦମା ପାଣି ଦୀର୍ଘଦିନ ଧରି ଜମି ରହୁଥିଲେ ସୁଦ୍ଧା ତାର ନିଷ୍କାସନ ବ୍ୟବସ୍ଥା ହେଉନାହିଁ। ଫଳରେ ମଶା, ମାଛି ସମେତ ନାନା ରୋଗ ଜୀବାଣୁଙ୍କ ଉପଦ୍ରବ ଘଟୁଛି ଏବଂ ବସଷ୍ଟାଣ୍ଡ ପରିସରରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏପରିକି କାଳବୈଶାଖୀରେ ବସଷ୍ଟାଣ୍ଡ ପରିସରରେ ଏକ ଗଛ ଢ଼ଳି ପଡ଼ିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାକୁ ସମ୍ପୂର୍ଣ୍ଣ ହଟାଯାଇ ପାରି ନାହିଁ। ଉକ୍ତ ବସଷ୍ଟାଣ୍ଡର ସମସ୍ୟାକୁ ଉଭୟ ରାଜନୈତିକ, ପ୍ରଶାସନିକସ୍ତରରେ ଅଣଦେଖା କରାଯାଉଥିବା ଯୋଗୁ ସାଧାରଣରେ ଅସନ୍ତୋଷ ତେଜି ଉଠିଛି।

## ଆଜିଠୁ ନୃସିଂହନାଥରେ ବୈଶାଖ ମେଳା



ନୃସିଂହନାଥ ପୀଠ।

ପାଇକମାଲ, ୬।୫(ବଢ଼ ଶତପଥୀ)

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ବୈଶାଖ ମେଳା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ସନ୍ଧ୍ୟାରେ ନୃସିଂହନାଥ ବୈଶାଖ ମେଳା ଆରମ୍ଭ ସହ କଳସ ଅଧିବେଶନ କରାଯିବ। ଶୁକ୍ରବାର ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞର ଆରମ୍ଭ କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏଣ୍ଡିମ ଟ୍ରଷ୍ଟି ଦେବାଶିଷ ସିଂହନାଙ୍କ ସହ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଓ ମେଳା କମିଟିର ସଦସ୍ୟମାନେ ମେଳା ପରିସର ବୁଲି ଦେଖିବା ସହ ବାଇପାସ୍ ରୋଡ଼, ପାର୍କିଂ ପ୍ଲେସ୍, ଉଠାଦୋକାନ ସ୍ଥାନ ମାନ ବୁଲି ଦେଖିଥିଲେ। ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ତଥା ବୈଶାଖ ମେଳା ପାଇଁ ଚଳଚଞ୍ଚଳ ହୋଇ ପଡିଛି ନୃସିଂହନାଥ ପୀଠ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଚାଳ ଧାରରେ ବାଉଁଶରେ ତିଆରି ସ୍ୱତନ୍ତ୍ର ଅସ୍ଥାୟୀ ରାସ୍ତା ନିର୍ମାଣ କାମ ଶେଷ ହୋଇଛି। ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ନୃସିଂହନାଥ ପୀଠରେ ବୈଶାଖ ମେଳା ଅନୁଷ୍ଠିତ ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି। ଅକ୍ଷୟତୃତୀୟାଠାରୁ ନୃସିଂହନାଥ ପୀଠରେ ଅପରାହ୍ନରେ ମହାପ୍ରଭୁଙ୍କଠାରେ ଲାଗୁ ହେଉଥିବା ପଖାଳ ଭୋଗ ମଙ୍ଗଳବାର ଶେଷ ହୋଇଯାଇଛି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଖଣ୍ଡହଥା ଗ୍ରାମର କ୍ଷତିଗ୍ରସ୍ତ ଚାଷୀବୃନ୍ଦ।

## କ୍ଷତିପୂରଣ ଏବେ ଚାଷୀଙ୍କ ଭରସା

**କାଳବୈଶାଖୀରେ ଫସଲକ୍ଷତି**

- ଖଣ୍ଡହଥା ଗ୍ରାମର ଚାଷୀ ଜିଲାପାଳଙ୍କୁ ଫେରାଦ
- କୃଷି ଅଧିକାରୀଙ୍କୁ ଭେଟିଲେ ଚକୁଳିର ଚାଷୀ

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଗତ ୩ତାରିଖ କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ବର୍ଷା, କରାମାଡ଼ରେ ବ୍ୟାପକ ଫସଲକ୍ଷତି ହୋଇଛି। ଧାନ ଅମଳ ସମୟରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଆର୍ଥିକ, ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି। କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଏବେ ସରକାରଙ୍କ କ୍ଷତିପୂରଣ ସହାୟତା ତଥା ଇନପୁଟ୍ ସବସିଡ଼ି ଏବଂ ବୀମା କ୍ଷତିପୂରଣ ହିଁ ଏକମାତ୍ର ଭରସା ପାଲଟିଛି। ଏହି ସହାୟତା ପାଇବା ଆଶା ନେଇ ଗତ ୨ଦିନ ହେଲା, ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ କ୍ଷତିଗ୍ରସ୍ତ ଚାଷୀମାନେ ଆସି ଜିଲାପାଳଙ୍କୁ ନିବେଦନ କରୁଛନ୍ତି। ମଙ୍ଗଳବାର ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ଝଡ଼ବର୍ଷା ଯୋଗୁ କ୍ଷେତରେ ଧାନଗଛ ଗୁଡ଼ିକ ପଡ଼ି ରହିଛି ଏବଂ ଫସଲ ଉପରେ ପାଣି ପ୍ରବାହିତ ହେବାରୁ ତାହା ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଗୋୟଲଙ୍କୁ ସେମାନେ ଏକ ଦାବିପତ୍ର ପ୍ରଦାନ କରି ଫସଲକ୍ଷତିର ଠିକ୍ ଆକଳନ କରି ଉପଯୁକ୍ତ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି। ଶ୍ୟାମସୁନ୍ଦର ସାହୁ, ଲମ୍ବୋଦର ସାହୁ, ବନମାଳୀ ସାହୁ, ଗଙ୍ଗା ସାହୁ, ମହାଦେବ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେହିପରି ଅତାବିରା ବ୍ଲକ ଚକୁଳି ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ମଧ୍ୟ ମଙ୍ଗଳବାର ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ପୃଥକ୍‌ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା କୃଷି ଅଧିକାରୀଙ୍କୁ ସେମାନେ ଦାବିପତ୍ର ପ୍ରଦାନ କରିଥିଲେ। କାଳବୈଶାଖୀ ପ୍ରଭାବରେ ସେମାନଙ୍କ ଫସଲର ଧାନକେଣ୍ଡା ଗୁଡ଼ିକ ଅଗାଡ଼ି ହୋଇ ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ପ୍ରଭାବିତ ଧାନ ଫସଲ ପରିଦର୍ଶନ ସହିତ ସଠିକ୍ ଆକଳନ ଏବଂ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ନରେନ୍ଦ୍ର ପ୍ରଧାନ, ତ୍ରିଲୋଚନ ନାଏକ, କୁବେର ପ୍ରଧାନ, ବେଣୁଧର ପ୍ରଧାନ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ବ୍ଲକ ଟପ୍ପର ଆଦ୍ୟାଶାଙ୍କୁ ସମ୍ବର୍ଦ୍ଧନା

ଅତାବିରା,୬।୫(ଯୁଧିଷ୍ଠିର ମହାପାତ୍ର)

ମାଟ୍ରିକ୍ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବା ଆଦ୍ୟାଶା ବାରିକ୍‌ଙ୍କୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତାବିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଯଯାତି କିଶୋର ଜେନା, ବିଇଓ ରତ୍ନମୟୀ ପୁରୋହିତ, ସମ୍ପାଦକ ନିତ୍ୟାନନ୍ଦ ପଧାନ, ସଭାପତି ରବୀନ୍ଦ୍ର ଦାସ, ପୂର୍ବତନ ସଭାପତି ଅଶୋକ ପଣ୍ଡା, ପୂର୍ବତନ ସମ୍ପାଦକ ସୁରେନ୍ଦ୍ର ସ୍ୱାଇଁ, ଭୀଷ୍ମଦେବ ସରାପ ପ୍ରମୁଖ ଆଦ୍ୟାଶାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସର୍ବପ୍ରଥମେ ଶିଶୁ ବିଦ୍ୟାମନ୍ଦିରରୁ ସରକାରୀ ଡାକ୍ତରଖାନା ପର୍ଯ୍ୟନ୍ତ ଏକ ରାଲିରେ ଛାତ୍ରୀଙ୍କୁ ସୁସଜ୍ଜିତ ଗାଡ଼ିରେ ବସାଇ ଅତାବିରା ପରିକ୍ରମା କରାଯାଇଥିଲା। ଅତାବିରା ବ୍ଲକ ବାବେବିରା ଗ୍ରାମର ପ୍ରଦୀପ କୁମାର ବାରିକଙ୍କ ଝିଅ ଆଦ୍ୟାଶା ବାରିକ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଠ ପଢ଼ି ମାଟ୍ରିକ ପରୀକ୍ଷାରେ ୬୦୦ ମାର୍କରୁ ୫୫୯ ରଖି ବ୍ଲକ୍ ଟପ୍ପର ହୋଇଛନ୍ତି।



ଅତାବିରା ବ୍ଲକ ଟପ୍ପରଙ୍କୁ ବିଇଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷରେ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ଛାତ୍ରୀ ବବିତା ରଥ ରାଜ୍ୟରେ ଯୁଗ୍ମ ଟପ୍ପର ହୋଇଛନ୍ତି। ତାଙ୍କର ଏହି ସଫଳତା ଯୋଗୁ ବବିତାଙ୍କୁ ସମ୍ବର୍ଦ୍ଧନାର ସୁଅ ଛୁଟୁଛି। ପରୀକ୍ଷାଫଳ ପ୍ରକାଶ ପାଇବା ପରଦିନଠାରୁ ତାଙ୍କ ଘରକୁ ବିଭିନ୍ନ ସାମାଜିକ, ରାଜନୈତିକ ଅନୁଷ୍ଠାନର ପ୍ରତିନିଧିବୃନ୍ଦ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି। ମଙ୍ଗଳବାର ଜନ କଲ୍ୟାଣ ସେବା ଟ୍ରଷ୍ଟର ଏକ ପ୍ରତିନିଧି ଦଳ ବବିତାଙ୍କ ଘରକୁ ଯାଇ ବବିତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ଏହି ପ୍ରତିନିଧି ଦଳରେ ଟ୍ରଷ୍ଟର ପ୍ରତିଷ୍ଠାତା ମୁକୁନ୍ଦ ଦାଶ, ମାନସ ରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାଶ, ଭୀଷ୍ମଦେବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## କୀଟନାଶକ ପିଇ ଯୁବକଙ୍କ ମୃତ୍ୟୁ

ଖଡ଼ିଆଳ,୬।୫ (ସୁଜିତ କୁମାର ପ୍ରଧାନ): କୀଟନାଶକ ପିଇ ଗୁରୁତର ଅବସ୍ଥାରେ ଖଡିଆଳ ମିଶନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଛତିଶଗଡ଼ ଦେଓଭୋଗ ବ୍ଲକ ଇନ୍ଦାଗାଁଓ ଥାନା ଅଞ୍ଚଳର ପ୍ରକାଶ ଯାଦବ (୪୫)। ସୂଚନା ମତେ ପ୍ରକାଶ କୌଣସି କାରଣରୁ ସୋମବାର ରାତିରେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ଖଡ଼ିଆଳସ୍ଥିତ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖଡ଼ିଆଳ ପୋଲିସ ଏ ନେଇ ଇନ୍ଦାଗାଁଓ ପୋଲିସକୁ ଖବର ଦେବା ସହ ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେଇଛି।

## କ୍ଷତିଗ୍ରସ୍ତ ଫସଲରେ ସଂଯୁକ୍ତ କୃଷକ ସଂଗଠନ



ସଂଯୁକ୍ତ କୃଷକ ସଙ୍ଗଠନର ପ୍ରତିନିଧି ଦଳ ଜୟପୁର ଗ୍ରାମର ପ୍ରଭାବିତ ଫସଲ ବୁଲି ଦେଖୁଛନ୍ତି।

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ)

**ଚାଷୀଙ୍କୁ ବୀମା ସହାୟତା ଦିଆଯାଉ**

ବରଗଡ଼ ଜିଲାରେ ଗତ ୩ତାରିଖରେ ଝଡ଼ବର୍ଷା ଏବଂ କରାମାଡ଼ ହୋଇଥିଲା। ଏଥିରେ ଜିଲାର ଭଟଲି ବ୍ଲକ ନାରଙ୍ଗପୁର ପଞ୍ଚାୟତର ଧାନ ଫସଲ ଅଧିକ ପ୍ରଭାବିତ ହୋଇଥିଲା। କରାମାଡ଼ ଯୋଗୁ ଅମଳକ୍ଷମ ଅବସ୍ଥାରେ ରହିଥିବା ଧାନସବୁ ଝଡ଼ି ନଷ୍ଟ ହୋଇଯାଇଥିଲା। ଏହି ସୂଚନା ପାଇ ମଙ୍ଗଳବାର ବରଗଡ଼ ଜିଲା ସଂଯୁକ୍ତ କୃଷକ ସଂଗଠନର ଏକ ପ୍ରତିନିଧି ଦଳ ଉକ୍ତ ପଞ୍ଚାୟତର ସର୍ବାଧିକ କ୍ଷତିଗ୍ରସ୍ତ ଜୟପୁର ଗ୍ରାମର ପ୍ରଭାବିତ ଫସଲକୁ ପହଞ୍ଚିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି କ୍ଷୟକ୍ଷତି ନେଇ ଆଲୋଚନା କରିଥିବାବେଳେ ଫସଲକ୍ଷତି ବୁଲି ଦେଖିଥିଲେ। କୃଷକମାନେ ବିଜ୍ଞାପିତ ଅଞ୍ଚଳରେ ବୀମାଭୁକ୍ତ ହେବାର ସୁଯୋଗ ପାଇଥାନ୍ତି। କିନ୍ତୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନାରଙ୍ଗପୁର ପଞ୍ଚାୟତକୁ ବୀମାଭୁକ୍ତ କରାଗଲା ନାହିଁ ବୋଲି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ପ୍ରଶ୍ନ କରିଛନ୍ତି। ସେହିପରି ଚଳିତବର୍ଷ ପୂର୍ବାଞ୍ଚଳରେ ବୀମା କରି ନଥିବା ଚାଷୀଙ୍କୁ ଫସଲକ୍ଷତି ହୋଇଥିଲେ ବୀମା ଦିଆଯିବ ବୋଲି କହିଥିବା ସରକାର ନାରଙ୍ଗପୁର ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କାହିଁକି ବୀମା କ୍ଷତିପୂରଣ ପ୍ରଦାନ କରିବେ ନାହିଁ ବୋଲି ମହାପାତ୍ର ସରକାରଙ୍କୁ ଜବାବ୍ ମାଗିଛନ୍ତି। ଏହି ପ୍ରତିନିଧି ଦଳରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ମହାପାତ୍ରଙ୍କ ସମେତ ନିରଞ୍ଜନ ପ୍ରଧାନ, ପ୍ରଶାନ୍ତ ସାହୁ, ସୁରେଶ ନେକାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ନହେଲେ ସଂଯୁକ୍ତ କୃଷକ ସଂଗଠନ ଚାଷୀଙ୍କ ହକ୍ ପାଇଁ ଲଢ଼େଇ କରିବାକୁ ବାଧ ହେବ ବୋଲି ସଙ୍ଗଠନର ଉପଦେଷ୍ଟା ମହାପାତ୍ର ଚେତାବନୀ ଦେଇଛନ୍ତି।

**BRAHMAPUR DEVELOPMENT AUTHORITY**
Near Courtpeta Junction, Brahmapur, Odisha-760004
☎ 0680 2292797(O), 0680-2292033(F)
bda.brahmapur311@gmail.com www.bdabrahmapur.in
**No.153/BeDA, Brahmapur, dated 28.04.2025**

**PUBLIC NOTICE**

**No.CAD-316** : In exercise of the power conferred under Section-14 sub section (3) of ODA Act, 1982, I am through this public notice bring attention of the general public that the modification of CDP Brahmapur is to be carried out in respect of Plot No. 1478,1477, 1475/1754, 1479, 1479/3732, 1479/3442, 1479/3747, 1479/3636 and 1479/3693, Khata No.597, 742/2376, 742/2105,742/1633, 742/2120,742/1913 and 742/3138, an area of Ac.0.572 of Mouza Gopabandhunagar, which is coming under Green Belt use zone as per CDP to be modified to residential use zone. The land owner Sri Sarat Chandra Panigrahi & others, all are at New Street, Po/Ps: Gosaninuagoan, Brahmapur appealed before the Hon'ble Appellate Court of R.D.C.(SD) Brahmapur vide ODA appeal Case No.2/2022 for change of land use zone from "Green belt" use zone to "Residential zone". After proper hearing, the Hon'ble Appellate Court passed an order on 30.6.2023 stating that "at the first instance move a proposal under Section 14(2) of ODA Act to Govt. in H&UD Department with adequate justification for necessary change in classification".

For such modification, objections and suggestions are invited from general public which shall be filed within 60 (sixty) days from the date of publication of this notice in the local news paper or in our official website www.bdabrahmapur.in. whichever is later. Any person desires to see the modification can visit the office of BEDA Brahmapur during office hours in any working days. Any objections filed beyond sixty days shall not be entertained.

By order of Vice-Chairman
Sd./- Secretary
BeDA Brahmapur
OIPR-13086/11/0005/2526

**OFFICE OF THE DIVISIONAL FOREST OFFICER, DHENKANAL DIVISION**
Tele Fax No-06762226717, e-mail Id - dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2025-26 OF DHENKANAL DIVISION**

**No.MM-23** : THE RE-TENDER FOR SUPPLY OF ANIMAL FEED ITEMS TO KAPILASH ZOO FOR THE YEAR 2025-26 IS INVITED FROM INTENDING PERSONS /FIRMS. THE TENDER WILL BE RECEIVED TILL **1.00 P.M. OF 15.05.2025** BY POST AND TO BE OPENED ON **DT.17.05.2025 AT 9:00A.M** IN DIVISIONAL FOREST OFFICE, DHENKANAL. FOR DETAIL PARTICULARS, THE UNDERSIGNED MAY BE CONTACTED DURING OFFICE HOURS.

Sd./- Divisional Forest Officer
Dhenkanal Division
OIPR-08037/11/0017/2526

**PANCHAYAT SAMITI,**
**RARUAN, DIST-MAYURBHANJ (Odisha) PIN-757035**
**Adv No-01/2025-26**

**Tender Call Notice**

**No.i-72** : Sealed tenders (Percentage rate) are invited for 07 no's of works from the interested "C"/"D" Class Contractors registered with the Govt. for execution of civil works under Panchayat Samiti, Raruan, Dist- Mayurbhanj. The details notification is available at official website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Raruan, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 19.05.2025** through Regd/Speed post and the same will be opened on **10.00 A.M. of 20.05.2025**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer,
Raruan, Mayurbhanj
OIPR-19311/11/0002/2526

Forest Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION**
Email - dfo.jharsuguda@odisha.gov.in, Ph. - 06645-295040
**Tender Notification No.99 1F(Acct)/Date 03.05.2025**
No.MM-26

| Sl. No. | Name of the work | : | Supply and delivery tall tree seedlings of selected tree species (in 25 cm x 25 cm polybags with an average height of 10 ft or above) |
|---|---|---|---|
| 1 | Estimated Cost | : | Depending upon funds availability & requirement of seedling at site |
| 2 | Period & time of Completion | : | 15 days from the date of issue of orders or before 1st July 2025 |
| 3 | Location of Plantation | : | Across Jharsuguda Forest Division |
| 4 | Date & time of availability of the bid document in the portal | : | 05.05.2025 to 16.05.2025 |
| 5 | Last date/Time for receipt of bids in the portal | : | Up to 5.00 P.M. of 16.05.2025 |
| 6 | Date & Time of bid opening | : | 10.30 hours on Dated. 17.05.2025 |
| 7 | Name & Address of the officer inviting Bid | : | Divisional forest officer, Jharsuguda Forest Division, At-BTM, Jharsuguda, PIN-768202 |

Note : The total quantity may be based on field requirement. Final quantity will be communicated in work order.

Others can see the details from Notice inviting Tenders, available in website-https://jharsuguda.odisha.gov.in, Corrigendum if any, shall only be published in the above website

Sd./- Divisional Forest Officer,
Jharsuguda Forest Division
OIPR-08054/11/0016/2526

**OFFICE OF THE MUNICIPAL COUNCIL, SONEPUR**
**No.1135/Dt.05.05.2025**

**QUOTATION CALL NOTICE**

**No.C-243** : Sealed quotations are invited in prescribed proforma from the reputed ISI certified firms/Manufactures/Authorised Dealers having GST clearance certificate, PAN No., Sale Tax. The quotationer shall have to quote the price item of their respective company for supply and installation of **reputed brand Water Cooler 150/150 FSS** in Subarnapur Municipality for the year 2025-26. The rate quoted documents should be submitted to the undersigned on or before **19.05.2025 up to 01.00 P.M.** and the same will be opened **on dt.20.05.2025 at 10.00 A.M.** in presence of quotationers or their authorised representatives. Beyond the date no quotation shall be entertained, the quotation paper with terms and conditions is available in district website of Subarnapur i.e. www.subarnapur.nic.in w.e.f **06.05.2025 to 19.05.2025**. The quotationer shall have to deposit Rs.5000/- (Rupees Five Thousand) only towards EMD money & Rs.500/- (Rupees Five Hundred) only towards paper cost in shape of D.D in favour of Executive Officer, Subarnapur Municipality payable at Sonepur Nationalised Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.

Sd./- Executive Officer
Sonepur Municipality
OIPR-13098/11/0034/2526

# ଆଜି ନାଗରିକ ପ୍ରତିରକ୍ଷା ମକ୍‌ଡ୍ରିଲ

ସୁନ୍ଦରଗଡ଼, ୬।୫(ଜୟ ନାରାୟଣ ମେଣ୍ଟୁଲି)

କୌଣସି ନୂଆ ତଥା ଜଟିଳ ବିପଦକୁ ସାମ୍ନା କରିବାକୁ ବୁଧବାର ସମଗ୍ର ଦେଶର ବିଭିନ୍ନ ଜିଲାରେ ଅନୁଷ୍ଠିତ ହେବ ନାଗରିକ ପ୍ରତିରକ୍ଷା ମକ୍‌ଡ୍ରିଲ। ସମଗ୍ର ଦେଶର ୨୪୪ ଜିଲାରେ ଏହି ମକ୍‌ଡ୍ରିଲ କରାଯିବ। ସେହିଭଳି ଓଡ଼ିଶାର ୧୨ ଜିଲାରେ ମଧ୍ୟ ଏହି ନାଗରିକ ପ୍ରତିରକ୍ଷା ମକ୍‌ଡ୍ରିଲ କରାଯିବ। ଏଥିରେ ସୁନ୍ଦରଗଡ଼ ଜିଲା ମଧ୍ୟ ରହିଛି। ରାଉରକେଲାସ୍ଥିତ ଉଦିତନଗର ପଡ଼ିଆଠାରେ ଅପରାହ୍ନ ୪ଟାରେ ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଏହି ମକ୍‌ଡ୍ରିଲ ଆୟୋଜନର ଆଭିମୁଖ୍ୟ ଉପରେ ଉପସ୍ଥାପନ କରିଥିଲେ। ଯୁଦ୍ଧ ସମୟରେ ସାଧାରଣ ନାଗରିକମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଜଳ ଯୋଗାଣ, ବିଦ୍ୟୁତ୍ ବିତରଣ ଆଦି କ୍ଷେତ୍ର ଯେପରି ପ୍ରଭାବିତ ନ ହେବ କିମ୍ବା ପ୍ରଭାବିତ ହେଲେ ତୁରନ୍ତ ଯେପରି ପୁନରୁଦ୍ଧାର କରାଯିବ ତାହା ହେଉଛି ଏହି ମକ୍‌ଡ୍ରିଲର ଉଦ୍ଦେଶ୍ୟ। ସେହିଭଳି ଜନସାଧାରଣଙ୍କୁ ଏହି ଆକ୍ରମଣ ସମ୍ପର୍କରେ ସତର୍କ କରାଇବା, ଆକ୍ରମଣ ସରିଲା ପରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିବା, ଆକ୍ରମଣର ପରିଣାମକୁ ମୁକାବିଲା କରିବା ଯେପରିକି ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନା ନେବା ଆଦି ହେଉଛି ମକ୍‌ଡ୍ରିଲର ଲକ୍ଷ୍ୟ।

ଏହି ମକ୍‌ଡ୍ରିଲ ନିମନ୍ତେ ରାଜ୍ୟସ୍ତର ଏବଂ ଜିଲାସ୍ତରରେ କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ ହେବ। ୧୧୨ ହେଉଛି ଏହି କଣ୍ଟ୍ରୋଲ ରୁମ ନମ୍ବର। ଓଡ଼ିଶା ପୋଲିସ ଏବଂ ଓଡ଼ିଶା ଅଗ୍ନି ନିର୍ବାପକ ବିଭାଗ ପକ୍ଷରୁ ଡେପୁଟି କମାଣ୍ଡାଣ୍ଟ ର୍‍ୟାଙ୍କ ଅଫିସର ଏହି କଣ୍ଟ୍ରୋଲ ରୁମରେ ଉପସ୍ଥିତ ରହିବେ ଏବଂ ସମନ୍ୱୟ ରକ୍ଷା କରିବେ। ଏଥିରେ ପ୍ରତି ଘଣ୍ଟାକୁ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହେବ। ସେହିଭଳି ଜିଲାସ୍ତରରେ ମଧ୍ୟ କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ ହେବ। ଜିଲା ପୋଲିସ କଣ୍ଟ୍ରୋଲ ରୁମ ନାଗରିକ ପ୍ରତିରକ୍ଷା କଣ୍ଟ୍ରୋଲ ରୁମ ଭଳି କାର୍ଯ୍ୟ କରିବ। ଏହି କଣ୍ଟ୍ରୋଲ ରୁମରେ ଜଣେ ଡିଏସ୍‌ପି ର୍‍ୟାଙ୍କ ଏବଂ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ୨୪x୭ ଉପସ୍ଥିତ ରହିବେ। ଏଥିରେ ସାଟେଲାଇଟ ଟେଲିଫୋନ କାର୍ଯ୍ୟକାରୀ ରହିବ। ବିଏସ୍‌ଏନ୍‌ଏଲ୍ ହଟ ଲାଇନ ସ୍ଥାପନ ହେବ। ଜିଲାରେ ବିମାନ ଆକ୍ରମଣ ସତର୍କ ପ୍ରଣାଳୀ ଯଥା ସାଇରନ ବ୍ୟବସ୍ଥା ସ୍ଥାପନ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ସାଇରନର ରେଞ୍ଜ ରହିବ ୫୦୦ ମିଟରରୁ ୩ କିଲୋମିଟର ପର୍ଯ୍ୟନ୍ତ। ସେହିଭଳି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନେକ ସାଇରନ ସ୍ଥାପନ ମଧ୍ୟ କରାଯାଇ ପାରିବ। ସାଇରନ ବାଜିବା କ୍ଷଣି ଜନସାଧାରଣ କଂକ୍ରିଟ ଛାତ ଥିବା ପକ୍କା ଘର ଭିତରେ ରହିବେ। ସେହିଭଳି ବସ୍ତି ଅଞ୍ଚଳର ଲୋକମାନଙ୍କ ନିମନ୍ତେ ନିକଟସ୍ଥ ବିଦ୍ୟାଳୟ ଗୃହକୁ ଆଶ୍ରୟ ସ୍ଥଳ କରାଯାଇପାରିବ। ଆକ୍ରମଣ ସମ୍ପର୍କରେ ସୂଚନା ଓ ପ୍ରସାରଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଅଗ୍ନି ନିର୍ବାପକ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ସାମିଲ କରିବା ଉପରେ ଆଲୋଚନା କରାଯାଇଥିଲା। ବେ-ସରକାରୀ ସଙ୍ଗଠନ, ଏନ୍‌ସିସି କ୍ୟାଡେଟ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପ୍ରମୁଖଙ୍କୁ ଉଦ୍ଧାର କାର୍ଯ୍ୟରେ ସାମିଲ କରାଯିବ। ଉଦିତନଗର ପଡ଼ିଆଠାରେ ହେବାକୁ ଥିବା ଏହି ମକ୍‌ଡ୍ରିଲରେ ନାଗରିକ ପ୍ରତିରକ୍ଷା କାର୍ଯ୍ୟାଳୟ ରାଉରକେଲା, ଓଡ୍ରାଫ ଟିମ୍ ଏବଂ ଅଗ୍ନିଶମ ବିଭାଗ ସାମିଲ ହେବେ। ବୈଠକରେ ସୁନ୍ଦରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀ, ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ କେନ୍ଦ୍ରରେ ମଙ୍ଗଳବାର ଏକକ ପିଜି ପରୀକ୍ଷା ଅବସରରେ ପରୀକ୍ଷାର୍ଥୀମାନଙ୍କୁ ଯାଞ୍ଚ କରାଯାଉଛି।

## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ହେମଗିର,୬।୫(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ବେହେରାମୁଣ୍ଡା ଗ୍ରାମରେ ପାଣିରେ ବୁଡ଼ି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରଜରାଜନଗରର ରମେଶ ଭୈଶାଳ(୩୨)। ରମେଶ ବେହେରାମୁଣ୍ଡା ଗ୍ରାମକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସି ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଆଉ ସେ ଫେରି ନଥିଲେ। ପରେ ନାଳରେ ଏକ ମୃତଦେହ ଭାସୁଥିବାର ଲୋକେ ଦେଖି ହେମଗିର ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାତିରେ ମୃତଦେହ ଜବତ କରିଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ହେମଗିର ଥାନା ପୋଲିସ ନଂ. ୨୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଗର୍ଭବତୀ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

କୁତ୍ରା,୬।୫(ଦେବାଶିଷ ସାହୁ): କୁତ୍ରା ଥାନା ଅନ୍ତର୍ଗତ ନିରାବାହାଲ ଗ୍ରାମରେ ମଙ୍ଗଳବାର ଜଣେ ଗର୍ଭବତୀ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଶୁବାଷ ଚନ୍ଦ୍ର ବାରାଙ୍କ ସ୍ତ୍ରୀ ଜୟଶ୍ରୀ ବାରା (୩୨)। ଅପରାହ୍ନ ୪ଟାରେ ଜୟଶ୍ରୀ ରହୁଥିବା ଘର କବାଟ ବନ୍ଦ ରହିଥିଲା। ଘରଲୋକ ସନ୍ଦେହ କରି କବାଟ ଖୋଲି ଦେଖିଲା ବେଳକୁ ଜୟଶ୍ରୀ ଏକ ରସିରେ ଝୁଲୁଥିଲେ। ତାଙ୍କୁ ଉଦ୍ଧାର କରି କୁତ୍ରା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜୟଶ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁରକୁ ପଠାଇଛି। ପାରିବାରିକ କଳହରୁ ଜୟଶ୍ରୀ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ପୋଲିସ ତଦନ୍ତ ପରେ ଘଟଣାର ରହସ୍ୟ ଜଣାପଡିବ। ଖବର ଲେଖା ହେବା ସୁଦ୍ଧା ପରିବାର ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇନଥିବା ପୋଲିସ କହିଛି। ତେବେ ଜୟଶ୍ରୀ ୪ ମାସର ଗର୍ଭବତି ଥିବା ଜଣାପଡ଼ିଛି।

### ବିଧାୟକ ପ୍ରତିନିଧି ମନୋନୀତ

ବଡ଼ଗାଁ,୬।୫(ଅଶୋକ ଷଡ଼ଙ୍ଗୀ): ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମଙ୍ଗଳବାର ତଳସରା ନିର୍ବାଚନମଣ୍ଡଳୀ ସମେତ ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ବ୍ଲକର ପ୍ରତିନିଧି ମନୋନୀତ କରିଛନ୍ତି। ତଳସରା ନିର୍ବାଚନମଣ୍ଡଳୀ ପ୍ରତିନିଧି ଭାବେ ଅମୀର ନାୟକଙ୍କୁ ମନୋନୀତ କରାଯାଇଛି। ସେ ପୂର୍ବରୁ ଲେଫ୍ରିପଡା ବ୍ଲକ ଉପାଧ୍ୟକ୍ଷ ଏବଂ ଭାଜପା ଜିଲା ସାଧାରଣ ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଏହାସହ ଗତ ସାଧାରଣ ନିର୍ବାଚନରେ ଅମୀର ତଳସରା ନିର୍ବାଚନମଣ୍ଡଳୀ ପ୍ରଭାରୀ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ନିର୍ବାଚନ ମଣ୍ଡଳୀର ବଡ଼ଗାଁ ବ୍ଲକ ପ୍ରତିନିଧି ଭାବେ ବାବୁଲି କର୍ସେଲଙ୍କୁ ମନୋନୀତ କରାଯାଇଥିବା ବେଳେ ଗୁଲସନ ବରୁଆଙ୍କୁ ସବ୍‌ଡେଗା, ରବି ପଟେଲଙ୍କୁ ବାଲିଶଙ୍କରା ବ୍ଲକ ପ୍ରତିନିଧି ଭାବେ ମନୋନୀତ କରାଯାଇଥିବା ସୂଚନା ମିଳିଛି।

## ମାଟ୍ରିକ୍ ପରୀକ୍ଷାରେ ଜିଲା ଟପ୍ପର କ୍ରିଷ୍ଣା ସମ୍ବର୍ଦ୍ଧିତ



ଜିଲା ଟପ୍ପର କ୍ରିଷ୍ଣାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୁତ୍ରା,୬।୫(ଦେବାଶିଷ ସାହୁ)

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସୁନ୍ଦରଗଡ଼ ଜିଲା ଟପ୍ପର ଏ-୧ ଗ୍ରେଡ୍‌ରେ ଥିବା କୁତ୍ରା ପିଏମ୍‌ଶ୍ରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ଛାତ୍ର କ୍ରିଷ୍ଣା ମାଝୀଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। କ୍ରିଷ୍ଣା ହେଉଛନ୍ତି କୁତ୍ରା ବ୍ଲକ ଅନ୍ତର୍ଗତ ଗଙ୍ଗାଜଳ ପଞ୍ଚାୟତ ଖୁଟମୁଣ୍ଡା ଗ୍ରାମ ମୁନୁପଡ଼ା ବାସିନ୍ଦା। ସରପଞ୍ଚ ପ୍ରମିଳା ଗଡ଼ତିଆଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ଗୃହରେ କ୍ରିଷ୍ଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ନାୟକ, ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପଞ୍ଚାୟତର ଛାତ୍ର ଜିଲା ପାଇଁ ଗୌରବ ଆଣି ଦେଇଛି। ତେଣୁ ସମଗ୍ର ପଞ୍ଚାୟତବାସୀ ଗୌରବ ଅନୁଭବ କରୁଛୁ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହା ସହିତ ଛାତ୍ରଙ୍କ ମା'ବାପା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇଟେକ୍ ସର୍ଭେ ବନ୍ଦ ପାଇଁ ଦାବିପତ୍ର

ହେମଗିର,୬।୫(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ତହସିଲଠାରେ ଅନେକ ଛୋଟ ବଡ଼ ଖଣି ଖାଦାନ ସୃଷ୍ଟି ହେଉଥିବା ବେଳେ ଏବେ ବିଭିନ୍ନ ଅଞ୍ଚଳରେ ହାଇଟେକ ସର୍ଭେ କରାଯାଉଛି। ଏହି ହାଇଟେକ ସର୍ଭେକୁ ବନ୍ଦ କରିବା ପାଇଁ ଭାଜପା ବିଲେଇମୁଣ୍ଡା ମଣ୍ଡଳ ସଭାପତି ଦୀପକ ସେଠଙ୍କ ସହିତ ଅନେକ ଜନସାଧାରଣ ଦାବି କରିଛନ୍ତି। ହାଇଟେକ ସର୍ଭେ ବନ୍ଦ କରିବା ସହିତ ପାର୍ଟିସନ ସମ୍ପାଦନ ହେଲା ପରେ ଜମିପଟ୍ଟା ପ୍ରଦାନ କରିବାକୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ବରଗଡ଼ରେ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

ବରଗଡ଼ ୬।୫(ପ୍ରେମାନନ୍ଦ ଖମାରୀ): ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନସେବା ଯୋଗାଇଦେବା ଲକ୍ଷ୍ୟରେ ଆସନ୍ତା ମଇ ୧୦ ତାରିଖ ବରଗଡ଼ ଜିଲାରେ ଅନୁଷ୍ଠିତ ହେବାକୁ ଯାଉଛି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ। ଏହା ବରଗଡ କୋର୍ଟ ସମେତ ପଦ୍ମପୁର, ସୋହେଲା, ବରପାଲି, ଭେଡେନ, ଅତାବିରା ଓ ବିଜେପୁର କୋର୍ଟ ପରିସରରେ ଅନୁଷ୍ଠିତ ହେବ ବୋଲି ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଏହି ଲୋକ ଅଦାଲତରେ ଅସହାୟ ଗରିବ ଲୋକଙ୍କ ମୋକଦ୍ଦମାର ନ୍ୟାୟ ବିନା ମୂଲ୍ୟରେ ପ୍ରଦାନ କରାଯିବ। ଅଧିକରୁ ଅଧିକ ଲୋକ ସେମାନଙ୍କର ମୋକଦ୍ଦମାକୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପଞ୍ଜୀକରଣ କରାଇ ଏହାର ସୁବିଧା ନେବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅନୁରୋଧ କରିଛନ୍ତି। ସେହିଦିନ ସକାଳ ୭ଟାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ବରଗଡ଼ ଜିଲାର ବିଭିନ୍ନ କୋର୍ଟ ପରିସରରେ ଆରମ୍ଭ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମାମଲାର ଆପୋସ ସହମତିରେ ସମାଧାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଆର୍‌ଏସ୍‌ପି: ସର୍ବକାଳୀନ ଦୀର୍ଘତମ ହିଟ୍ ସିକ୍ୱେନ୍ସ କ୍ଷେତ୍ରରେ ଉନ୍ନତି

ରାଉରକେଲା,୬।୫(ବିପ୍ଳବ ରଞ୍ଜନ ଦାଶ): ଆରଏସପିର ଷ୍ଟିଲ ମେଲ୍ଟିଙ୍ଗ ଶପ୍-୧ ବିଭାଗ ଏହାର କଣ୍ଟିନ୍ୟୁୟସ କାଷ୍ଟିଂ ମେଶିନ-୧ରେ ଗତ ଏପ୍ରିଲ ୩୦ ତାରିଖରେ ୩୧ଟି ହିଟ୍ ସର୍ବୋଚ୍ଚ ସିକ୍ୱେନ୍ସିଂ ହଟ୍ ହାସଲ କରିଛି। ଏଥିସହ ୨୦୨୩ ଜୁଲାଇ ୧ତାରିଖରେ ହାସଲ ହୋଇଥିବା ପୂର୍ବ ଦୀର୍ଘତମ ୩୦ଟି ହିଟ୍ ସିକ୍ୱେନ୍ସିରେ ଉନ୍ନତି ଆଣିଛି। ଏସ୍‌ଏମ୍‌ଏସ୍-୧ ବିଭାଗୀୟ ଦଳ ଅପରେଶନ ବିଭାଗର ଜିଏମ୍ ନୀଳମଣି ମହାପାତ୍ରଙ୍କ ନେତୃତ୍ୱରେ ଏବଂ ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ବି. ସୁନୀଲ କାର୍ଥାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ବିଭିନ୍ନ ସହଯୋଗୀ ବିଭାଗ ଓ ଏଜେନ୍ସି ଯଥା ପିପିସି, ବ୍ଲାଷ୍ଟ ଫର୍ନେସ, କ୍ରେନ ମରାମତି ଓ ଟ୍ରାଫିକ କଞ୍ଚାମାଲ ବିଭାଗର ସୁଦକ୍ଷ ସମନ୍ୱୟ ଏବଂ ସହଯୋଗ ହେତୁ ବିଭାଗ ଏହି ସଫଳତା ହାସଲ କରିପାରିଛି। ୧୦୫୦ ମିଲିମିଟର ଚଉଡା ସହିତ ଯୁଗ୍ମ ୨୧୦ ମି.ମି ମୋଟେଇ ଯୁକ୍ତ ଇସ୍ପାତ ସ୍ଲାବ କାଷ୍ଟିଂ ଏପ୍ରିଲ ୨୯ତାରିଖ ସକାଳ ୬ଟା ୫୦ମିନିଟରେ ଆରମ୍ଭ ହୋଇ ୩୦ସକାଳ ୧୦ଟା ୧୫ ମିନିଟରେ ଶେଷ ହୋଇଥିଲା। ଯାହା ମୋଟ ୨୭ଘଣ୍ଟା ୨୦ମିନିଟ୍ ସମୟ ଧରି ଚାଲିଥିଲା। ଏହି ସମୟ ମଧ୍ୟରେ ୧.୨୫ କି.ମି ଦୈର୍ଘ୍ୟ କାଷ୍ଟ ହାସଲ କରାଯାଇଥିଲା ଏବଂ ୨.୧୨୮ ଟନ୍ ଉଚ୍ଚମାନର ଇସ୍ପାତ ସ୍ଲାବ ଉତ୍ପାଦନ ହୋଇଥିଲା। ସୂଚନାଯୋଗ୍ୟ, ୬୦ ଦଶକରେ ସ୍ଥାପିତ ଏସ୍‌ଏମ୍‌ଏସ୍-୧ ଅଗ୍ରଣୀ ୟୁନିଟ୍ ଭାବେ ତତ୍କାଳୀନ ଭାରତରେ ଏଲ୍‌ଡି ଇସ୍ପାତ ନିର୍ମାଣ ଶୁଭାରମ୍ଭ କରିଥିଲା। ଏହି ୟୁନିଟରେ ସ୍ୱତନ୍ତ୍ର ଗ୍ରେଡ୍‌ର ଷ୍ଟିଲ ପ୍ରସ୍ତୁତିର ଅନନ୍ୟ ଦକ୍ଷତା ଯାହା ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ବ୍ୟବହାର ହୋଇଆସୁଛି।

# କ୍ଷତିପୂରଣ ଏବେ ଚାଷୀଙ୍କ ଭରସା

**କାଳବୈଶାଖୀରେ ଫସଲକ୍ଷତି**
- ଖଣ୍ଡହଥା ଗ୍ରାମର ଚାଷୀ ଜିଲାପାଳଙ୍କୁ ଫେରାଦ
- କୃଷି ଅଧିକାରୀଙ୍କୁ ଭେଟିଲେ ଚକୁଳିର ଚାଷୀ

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଗତ ୩ତାରିଖ କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ବର୍ଷା, କରାମାଡ଼ରେ ବ୍ୟାପକ ଫସଲକ୍ଷତି ହୋଇଛି। ଧାନ ଅମଳ ସମୟରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଆର୍ଥିକ, ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି। କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଏବେ ସରକାରଙ୍କ କ୍ଷତିପୂରଣ ସହାୟତା ତଥା ଇନପୁଟ୍ ସବସିଡ଼ି ଏବଂ ବୀମା କ୍ଷତିପୂରଣ ହିଁ ଏକମାତ୍ର ଭରସା ପାଲଟିଛି। ଏହି ସହାୟତା ପାଇବା ଆଶା ନେଇ ଗତ ୨ଦିନ ହେଲା, ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ କ୍ଷତିଗ୍ରସ୍ତ ଚାଷୀମାନେ ଆସି ଜିଲାପାଳଙ୍କୁ ନିବେଦନ କରୁଛନ୍ତି। ମଙ୍ଗଳବାର ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ଝଡ଼ବର୍ଷା ଯୋଗୁ କ୍ଷେତରେ ଧାନଗଛ ଗୁଡ଼ିକ ପଡ଼ି ରହିଛି ଏବଂ ଫସଲ ଉପରେ ପାଣି ପ୍ରବାହିତ ହେବାରୁ ତାହା ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଗୋୟଲଙ୍କୁ ସେମାନେ ଏକ ଦାବିପତ୍ର ପ୍ରଦାନ କରି ଫସଲକ୍ଷତିର ଠିକ୍ ଆକଳନ କରି ଉପଯୁକ୍ତ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି। ଶ୍ୟାମସୁନ୍ଦର ସାହୁ, ଲମ୍ବୋଦର ସାହୁ, ବନମାଳୀ ସାହୁ, ଗଙ୍ଗା ସାହୁ, ମହାଦେବ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେହିପରି ଅତାବିରା ବ୍ଲକ ଚକୁଳି ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ମଧ୍ୟ ମଙ୍ଗଳବାର ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ପୃଥକ୍‌ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା କୃଷି ଅଧିକାରୀଙ୍କୁ ସେମାନେ ଦାବିପତ୍ର ପ୍ରଦାନ କରିଥିଲେ। କାଳବୈଶାଖୀ ପ୍ରଭାବରେ ସେମାନଙ୍କ ଫସଲର ଧାନକେଣ୍ଡା ଗୁଡ଼ିକ ଅଗାଡ଼ି ହୋଇ ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ପ୍ରଭାବିତ ଧାନ ଫସଲ ପରିଦର୍ଶନ ସହିତ ସଠିକ୍ ଆକଳନ ଏବଂ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ନରେନ୍ଦ୍ର ପ୍ରଧାନ, ତ୍ରିଲୋଚନ ନାଏକ, କୁବେର ପ୍ରଧାନ, ବେଣୁଧର ପ୍ରଧାନ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଭୂମିହୀନଙ୍କୁ ଜାଗା ଦଖଲ ଦେବାକୁ ଦାବି



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ହିତାଧିକାରୀ।

ବଡ଼ଗାଁ,୬।୫(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ପଞ୍ଚାୟତର ଗରିବ ଭୂମିହୀନ ପରିବାରମାନଙ୍କୁ ସରକାରଙ୍କ ପକ୍ଷରୁ ୪ ଡିସିମିଲ ଲେଖାଏ ଘରଡିହ ପଟ୍ଟା ମିଳିଛି। କିନ୍ତୁ ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଜାଗା ଚିହ୍ନଟ କରି ସେମାନଙ୍କୁ ଦଖଲ ଦେଉନାହାନ୍ତି। ଫଳରେ ସେମାନେ ବହୁ ହଇରାଣ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମଧ୍ୟାହ୍ନରେ ପଟ୍ଟା ପାଇଥିବା ହିତାଧିକାରୀମାନେ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନଙ୍କୁ ସାକ୍ଷାତ୍ କରି ଶୀଘ୍ର ଜାଗା ଚିହ୍ନଟ କରି ଦଖଲ ଦେବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବଡ଼ଗାଁ ପଞ୍ଚାୟତର ଯୁଧିଷ୍ଠିର ନାଏକ, ରୁବୀ ପ୍ରଧାନ, ସୁନିଲ ମୁଣ୍ଡା, ମଙ୍ଗଲୁ ବାଗ, ଶାନ୍ତନୁ ମଝି, ମୁନୁକୁ ମାଝୀ, ଗାବ୍ରିଆଲ ଡୁଙ୍ଗଡୁଙ୍ଗଙ୍କ ସହିତ ୧୨ ଜଣ ହିତାଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ ୩୦ରୁ ଉର୍ଦ୍ଧ୍ୱ ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି। ହେଲେ ଆଜିଯାଏ ସେମାନଙ୍କୁ ଜାଗା ଚିହ୍ନଟ କରି ଦିଆଯାଇ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

**BRAHMAPUR DEVELOPMENT AUTHORITY**
Near Courtpeta Junction, Brahmapur, Odisha-760004
☎ 0680 2292797(O), 0680-2292033(F)
bda.brahmapur311@gmail.com www.bdabrahmapur.in
**No.153/BeDA, Brahmapur, dated 28.04.2025**

**PUBLIC NOTICE**

**No.CAD-316** : In exercise of the power conferred under Section-14 sub section (3) of ODA Act, 1982, I am through this public notice bring attention of the general public that the modification of CDP Brahmapur is to be carried out in respect of Plot No. 1478,1477, 1475/1754, 1479, 1479/3732, 1479/3442, 1479/3747, 1479/3636 and 1479/3693, Khata No.597, 742/2376, 742/2105,742/1633, 742/2120,742/1913 and 742/3138, an area of Ac.0.572 of Mouza Gopabandhunagar, which is coming under Green Belt use zone as per CDP to be modified to residential use zone. The land owner Sri Sarat Chandra Panigrahi & others, all are at New Street, Po/Ps: Gosaninuagoan, Brahmapur appealed before the Hon'ble Appellate Court of R.D.C.(SD) Brahmapur vide ODA appeal Case No.2/2022 for change of land use zone from "Green belt" use zone to "Residential zone". After proper hearing, the Hon'ble Appellate Court passed an order on 30.6.2023 stating that "at the first instance move a proposal under Section 14(2) of ODA Act to Govt. in H&UD Department with adequate justification for necessary change in classification".

For such modification, objections and suggestions are invited from general public which shall be filed within 60 (sixty) days from the date of publication of this notice in the local news paper or in our official website www.bdabrahmapur.in. whichever is later. Any person desires to see the modification can visit the office of BEDA Brahmapur during office hours in any working days. Any objections filed beyond sixty days shall not be entertained.

By order of Vice-Chairman
Sd./- Secretary
BeDA Brahmapur
OIPR-13086/11/0005/2526

**OFFICE OF THE DIVISIONAL FOREST OFFICER, DHENKANAL DIVISION**
Tele Fax No-06762226717, e-mail Id - dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2025-26 OF DHENKANAL DIVISION**

**No.MM-23** : THE RE-TENDER FOR SUPPLY OF ANIMAL FEED ITEMS TO KAPILASH ZOO FOR THE YEAR 2025-26 IS INVITED FROM INTENDING PERSONS /FIRMS. THE TENDER WILL BE RECEIVED TILL **1.00 P.M. OF 15.05.2025** BY POST AND TO BE OPENED ON **DT.17.05.2025 AT 9:00A.M** IN DIVISIONAL FOREST OFFICE, DHENKANAL. FOR DETAIL PARTICULARS, THE UNDERSIGNED MAY BE CONTACTED DURING OFFICE HOURS.

Sd./- Divisional Forest Officer
Dhenkanal Division
OIPR-08037/11/0017/2526

**PANCHAYAT SAMITI, RARUAN, DIST-MAYURBHANJ (Odisha) PIN-757035**
Adv No-01/2025-26

**Tender Call Notice**

**No.i-72** : Sealed tenders (Percentage rate) are invited for 07 no's of works from the interested "C"/"D" Class Contractors registered with the Govt. for execution of civil works under Panchayat Samiti, Raruan, Dist- Mayurbhanj. The details notification is available at official website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Raruan, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 19.05.2025** through Regd/Speed post and the same will be opened on **10.00 A.M. of 20.05.2025**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer,
Raruan, Mayurbhanj
OIPR-19311/11/0002/2526

Forest Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION**
Email - dfo.jharsuguda@odisha.gov.in, Ph. - 06645-295040
**Tender Notification No.99 1F(Acct)/Date 03.05.2025**
No.MM-26

| Sl. No. | Name of the work | : | Supply and delivery tall tree seedlings of selected tree species (in 25 cm x 25 cm polybags with an average height of 10 ft or above) |
|---|---|---|---|
| 1 | Estimated Cost | : | Depending upon funds availability & requirement of seedling at site |
| 2 | Period & time of Completion | : | 15 days from the date of issue of orders or before 1st July 2025 |
| 3 | Location of Plantation | : | Across Jharsuguda Forest Division |
| 4 | Date & time of availability of the bid document in the portal | : | 05.05.2025 to 16.05.2025 |
| 5 | Last date/Time for receipt of bids in the portal | : | Up to 5.00 P.M. of 16.05.2025 |
| 6 | Date & Time of bid opening | : | 10.30 hours on Dated. 17.05.2025 |
| 7 | Name & Address of the officer inviting Bid | : | Divisional forest officer, Jharsuguda Forest Division, At-BTM, Jharsuguda, PIN-768202 |

Note : The total quantity may be based on field requirement. Final quantity will be communicated in work order.

Others can see the details from Notice inviting Tenders, available in website-https://jharsuguda.odisha.gov.in, Corrigendum if any, shall only be published in the above website

Sd./- Divisional Forest Officer,
Jharsuguda Forest Division
OIPR-08054/11/0016/2526

**OFFICE OF THE MUNICIPAL COUNCIL, SONEPUR**
No.1135/Dt.05.05.2025

**QUOTATION CALL NOTICE**

**No.C-243** : Sealed quotations are invited in prescribed proforma from the reputed ISI certified firms/Manufactures/Authorised Dealers having GST clearance certificate, PAN No., Sale Tax. The quotationer shall have to quote the price item of their respective company for supply and installation of **reputed brand Water Cooler 150/150 FSS** in Subarnapur Municipality for the year 2025-26. The rate quoted documents should be submitted to the undersigned on or before **19.05.2025 up to 01.00 P.M.** and the same will be opened **on dt.20.05.2025 at 10.00 A.M.** in presence of quotationers or their authorised representatives. Beyond the date no quotation shall be entertained, the quotation paper with terms and conditions is available in district website of Subarnapur i.e. www.subarnapur.nic.in w.e.f **06.05.2025 to 19.05.2025**. The quotationer shall have to deposit Rs.5000/- (Rupees Five Thousand) only towards EMD money & Rs.500/- (Rupees Five Hundred) only towards paper cost in shape of D.D in favour of Executive Officer, Subarnapur Municipality payable at Sonepur Nationalised Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.

Sd./- Executive Officer
Sonepur Municipality
OIPR-13098/11/0034/2526

**ଦୁର୍ଘଟଣାରେ ବାଇକ୍ ଚାଳକ ଆହତ**

ଝାରସୁଗୁଡା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡା ଜିଲା ବନ୍ଧବାହାଲ ଥର୍ମାଲ ରୋଡ୍‌ର ଟାୟାର ଛକରେ ସୋମବାର ରାତିରେ ଏକ ଗାଈକୁ ଧକ୍କା ଦେଇ ଜଣେ ବାଇକ୍ ଚାଳକ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଚାଳକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ବାଇକ୍ ଚଳାଉଥିବାବେଳେ ରାସ୍ତାରେ ଶୋଇଥିବା ଗାଈକୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଗାଈ ମଧ ଆହତ ହୋଇଛି। ସ୍ଥାନୀୟ ଯୁବକମାନେ ମଙ୍ଗଳବାର ସକାଳେ ଗାଈକୁ ଚିକିତ୍ସା ପାଇଁ ଏମ୍‌ସିଏଲ୍ ଗୋଶାଳାରେ ଭର୍ତ୍ତି କରିଥିଲେ।

## ପଞ୍ଚାୟତସ୍ତରୀୟ ମୁଣ୍ଡା ସମାଜର ସଭା

ସମ୍ବଲପୁର, ୬।୫(ବି.ଶଙ୍କର)

ସାରତି ଜିଦାନ ମୁଣ୍ଡା ସମାଜ ପକ୍ଷରୁ ପଞ୍ଚାୟତ ସ୍ତରୀୟ ସଭା ମଙ୍ଗଳବାର ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଛାମୁଣ୍ଡା ପଞ୍ଚାୟତ ସ୍ଥିତ ଗୌରଗୋଠରେ ଅନୁଷ୍ଠିତ ହୋଇଯାଇଛି। ମାନମାଶି ସାମାଦଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଣ୍ଡା ଜାତିର ଭାଷା, ପରମ୍ପରା, ସଂସ୍କୃତି କିପରି ବଜାୟ ରହିବ ଏବଂ ମୁଣ୍ଡା ସକାର କିପରି ଉନ୍ନତି ହୋଇ ପାରିବ ସେନେଇ ସଭାରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ନୂତନ ମୁଣ୍ଡା ସମାଜ କମିଟି ଗଠନ ହୋଇଥିଲା। ସର୍ବସମ୍ମତିକ୍ରମେ ମାନମାଶି ସାମାଦ ସଭାପତ, ନିରାଲ ଗୁଡିଙ୍କୁ ସମ୍ପାଦକ ମନୋନୀତ କରାଯାଇଥିଲା। ଉପସଭାପତି ଆନସେଲେମ ଲୁଗୁନ, ଯୁଗ୍ମ ସମ୍ପାଦକ ଡେବିଟ ବଦ୍ରା, କୋଷାଧ୍ୟକ୍ଷ ଯୋନାଥନ ଲଗୁନଙ୍କ ସମେତ ୧୫ ଜଣିଆ କମିଟି ଗଠନ କରାଯାଇଛି।

# 'ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ'



ଜିଲା ପରିବେଶ ସମିତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ଜିଲା ପରିବେଶ ସମିତି ବୈଠକ**

ଝାରସୁଗୁଡା, ୬।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲା ପରିବେଶ ସମିତି ବୈଠକ ମଙ୍ଗଳବାର ସକାଳ ୯ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ତଥା ଜିଲା ପରିବେଶ ସମିତି ଅଧ୍ୟକ୍ଷା ଆବୋଲି ସୁନୀଲ ନରୱଣେ ଅଧ୍ୟକ୍ଷତା କରି କହିଛନ୍ତି, ପରିବେଶ ସନ୍ତୁଳନ ପାଇଁ ବ୍ୟାପକ ଚାରାରୋପଣ ଜରୁରୀ। ଏ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ସେ କହିଛନ୍ତି। ଏଥିରେ ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ତଥା ପରିବେଶ ସମିତି ଆବାହକ ମନୁ ଅଶୋକ ଭଙ୍ଗ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ତଦାରଖ କମିଟି ଅଧ୍ୟକ୍ଷ ପ୍ରହ୍ଲାଦ ନାଏକ, ଆଜୀବନ ସଭ୍ୟ ତ୍ରିନାଥ ଗୁଆଲ, ନରେଶ ନାଏକ, ତାପସ ରାୟଚୌଧୁରୀ, ବିଜୟ ବେହେରା, ବେଣୁଧର ଚୌଧୁରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଗତବର୍ଷ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ କରାଯାଇଥିବା ଚାରାରୋପଣ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ ଚଳିତବର୍ଷ ପାଇଁ ଶିକ୍ଷାନୁଷ୍ଠାନଗୁଡିକୁ ଜାତୀୟ ଓ ରାଜ୍ୟ ରାଜପଥ ପାର୍ଶ୍ୱ, ଶିକ୍ଷାନୁଷ୍ଠାନ ପରିସର ଏବଂ ଆଖପାଖ ଅଞ୍ଚଳରେ ଚାରାରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜଙ୍ଗଲ ବିଭାଗ ଓ ଉଦ୍ୟାନ କୃଷି ବିଭାଗର ପରାମର୍ଶକ୍ରମେ ଚାରାରୋପଣ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଆସନ୍ତା ଜୁନ୍ ଶେଷ ସୁଦ୍ଧା ଗାତ ଖୋଳା ଓ ଜୁଲାଇ ସୁଦ୍ଧା ଚାରାରୋପଣ କାର୍ଯ୍ୟ ସମ୍ପନ୍ନ କରାଯିବା ସହ ଏହାର ରକ୍ଷଣାବେକ୍ଷଣ ଦିଗରେ ଯତ୍ନବାନ ହେବାକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ହେବାକୁ ଥିବା କମିଟି ବୈଠକରେ ଚାରାରୋପଣ ସମ୍ପର୍କିତ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରାଯିବାକୁ ସ୍ଥିର କରାଯାଇଛି। ପୂର୍ବ ବର୍ଷ ପରି ତଦାରଖ କମିଟି ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମର ଅନୁଧ୍ୟାନ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ଦୀପାଳି ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା




ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ଝାରସୁଗୁଡା, ୬।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜ୍ୟ ସାଧାରଣ ସମ୍ପାଦିକା ଭାବେ ମନୋନୀତ କରିଛନ୍ତି। ଏହିଅବସରରେ ଝାରସୁଗୁଡ଼ା ସହରର ଏକ ହୋଟେଲରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ପକ୍ଷରୁ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ବିଜେଡି ଜିଲା ସଭାପତି ହରିଶ୍ ଗଣତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ରବି ସିଂହ, ଝାରସୁଗୁଡ଼ା ପୌରାଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ଜିଲାପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଝାରସୁଗୁଡ଼ା ବ୍ଲକ ଅଧ୍ୟକ୍ଷା ଚିତ୍ରେନି ପଟେଲ, ଲଇକେରା ବ୍ଲକ ଅଧ୍ୟକ୍ଷ ସଞ୍ଜିତ୍ ନାଏକ, କୋଲାବିରା ବ୍ଲକ ଅଧ୍ୟକ୍ଷ ରୋହିତ୍ ପଟେଲ, ମହିଳା ସଭାନେତ୍ରୀ ରୋଜାଲିନ୍ ପଟେଲଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

## ମୁଢ଼ି ପ୍ରସ୍ତୁତିରେ ଅପମିଶ୍ରଣ

ଝାରସୁଗୁଡା, ୬।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରର କେତେକ ମିଲ୍‌ରେ ମୁଢି ପ୍ରସ୍ତୁତିବେଳେ ୟୁରିଆ ସାର ମିଶାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ଖାଇବା ଦ୍ୱାରା ରୋଗ ହେବା ଆଶଙ୍କା ପ୍ରକାଶ ପାଇଛି। ତେଣୁ ୟୁରିଆ ସାର ମିଶା ଯାଉଥିବା ମିଲ୍‌ରେ ତୁରନ୍ତ ଚଢ଼ାଉ ପାଇଁ ଦାବି ହୋଇଛି।

ମୁଢି ଏକ ସୁଆଦିଆ ଖାଦ୍ୟ। ଗରିବଠାରୁ ଆରମ୍ଭ କରି ଧନିକ ଶ୍ରେଣୀର ଲୋକେ ଏହାକୁ ଖାଇଥାନ୍ତି। ହେଲେ ଝାରସୁଗୁଡା ସହରର କେତେକ ମିଲ୍‌ରେ ମୁଢି ତିଆରି ପ୍ରକ୍ରିୟା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ମୁଢି ପାଇଁ ଦରକାର ହେଉଥିବା ଚାଉଳକୁ ପ୍ରଥମେ ଲୁଣପାଣିରେ ବତୁରାଇବା ପରେ ଶୁଖାଇ ଦିଆଯାଏ। ପରେ ତାହାକୁ ମିଲ୍‌ରେ ପକାଇ ମୁଢି ତିଆରି କରାଯାଏ। ମୁଢି ସଫା ଓ ବଡ ଦେଖାଯିବା ପାଇଁ ଝାରସୁଗୁଡା ସହରର କେତେକ ମିଲ୍‌ରେ ଚାଉଳ ପାଗ କରିବାବେଳେ ୟୁରିଆ ସାର ବ୍ୟବହାର କରାଯାଉଛି। ଏହି ମୁଢି ଖାଇଲେ ଶରୀରରେ ବିଭିନ୍ନ ରୋଗ ହେବା ସହିତ ମୁଖ୍ୟତଃ କିଡ୍‌ନୀ ଫେଲ୍ ହେବାର ବହୁ ସମ୍ଭାବନା ରହିଛି। ୟୁରିଆ ସାର ବ୍ୟବହାର ହୋଇଥିବା ମୁଢିକୁ କ୍ଷୀର କିମ୍ବା ପାଣିରେ ପକାଇଲେ ଏକ ପ୍ରକାର ଫେଣ ସୃଷ୍ଟି ହେଉଛି। କେତେକ ମିଲ୍‌ରେ ମାଲିକମାନେ ଶତାଧିକ ୟୁରିଆ ସାର ବସ୍ତା ମହଜୁଦ ରଖିଥିବା ଅଭିଯୋଗ ହୋଇଛି। ଏନେଇ ଜିଲା ଖାଦ୍ୟ ନିରୀକ୍ଷକ ସେବସ୍ତିଆନ ହୋରୋ କହିଛନ୍ତି, ମୁଢିରେ ୟୁରିଆ ସାର ମିଶାଉବା ମିଲ୍‌ରେ ଆସନ୍ତା ଏକ ସପ୍ତାହ ମଧ୍ୟରେ ଚଢ଼ାଉ କରାଯିବ। ସେଠାରେ ୟୁରିଆ ସାର ଥିଲେ ତାହାକୁ ଜବତ କରାଯିବା ସହ ମିଲ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଝାରସୁଗୁଡା ସହରର ଏକ ମିଲ୍‌ରେ ମୁଢି ପ୍ରସ୍ତୁତି ପାଇଁ ରଖାଯାଇଥିବା ୟୁରିଆ ସାର।

## ରାମଚନ୍ଦ୍ର ସଭାପତି, ଗୌରହରି ସମ୍ପାଦକ




ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ନିର୍ବାଚିତ ଓ ମନୋନୀତ କର୍ମକର୍ତ୍ତା।

**ଜିଲା ବରିଷ୍ଠ ନାଗରିକ ଫୋରମ୍‌ର କର୍ମକର୍ତ୍ତା ନିର୍ବାଚନ**

ଦେବଗଡ, ୬।୫(ଶଶାଙ୍କ ଶେଖର ଝାଙ୍କର)

ଜିଲା ବରିଷ୍ଠ ନାଗରିକ ଫୋରମ କାର୍ଯ୍ୟାଳୟରେ ମଙ୍ଗଳବାର ଫୋରମ୍‌ର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୋରମ୍‌ର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ରାମଚନ୍ଦ୍ର ମହାପାତ୍ର ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିଭୂତି ଗଙ୍ଗଦେବଙ୍କୁ ହରାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ରାମଚନ୍ଦ୍ର ୧୭ ଖଣ୍ଡ ଓ ବିଭୂତି ୭ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଗୌରହରି ଷଡ଼ଙ୍ଗୀ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ମିତ୍ରଭାନୁ ମହାପାତ୍ରଙ୍କୁ ହରାଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଗୌରହରି ୨୦ ଖଣ୍ଡ ଓ ମିତ୍ରଭାନୁ ୪ ଖଣ୍ଡ ଭୋଟ୍ ପାଇଥିଲେ। ଅପରପକ୍ଷରେ ଉପସଭାପତି ଭାବେ ଭୁବନେଶ୍ୱର ପ୍ରଧାନ, ସହସମ୍ପାଦକ ଅଶୋକ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ଉଦୟ କୁମାର ପ୍ରଧାନ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଫୋରମ୍‌ର ଉପଦେଷ୍ଟା ଭାବେ ପ୍ରଫୁଲ୍ଲ କୁମାର ମହାପାତ୍ର, ଅଜୟ କୁମାର ବେହେରା, ସୁଦର୍ଶନ ଦାଶ, ଯୁଧିଷ୍ଠିର ଦାଶ, ପ୍ରବକ୍ତା ଭାବେ ଲକ୍ଷ୍ମଣ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ପରିଚାଳନା ସମିତି ସଦସ୍ୟ ଭାବେ ଟିକେଶ୍ୱର ଆଚାର୍ଯ୍ୟ, ରୁଦ୍ର ନାରାୟଣ ପାଣିଗ୍ରାହୀ, ଘନଶ୍ୟାମ ଦ୍ୱିବେଦୀ ଓ ଭାଗୀରଥି ଦ୍ୱିବେଦୀ ମନୋନୀତ ହୋଇଛନ୍ତି। ଲକ୍ଷ୍ମଣ କୁମାର ପ୍ରଧାନ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଗଣହତ୍ୟାକୁ ନିନ୍ଦା କରାଯିବା ସହ ସେମାନଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

## ସୁପର ମାର୍କେଟରୁ ଜବରଦଖଲ ଉଚ୍ଛେଦ

ଲଇକେରା, ୬।୫(ରଞ୍ଜନ କୁମାର ମେହେର)

ଝାରସୁଗୁଡା ଜିଲା ଲଇକେରା ବ୍ଲକ ମୁଖ୍ୟାଳୟରେ ଥିବା ସୁପର ମାର୍କେଟର ୬ଟି ଦୋକାନକୁ ମଙ୍ଗଳବାର ସକାଳ ୯ଟାରେ ଉଚ୍ଛେଦ କରାଯାଇଛି। ଏହି ୬ଟି ଦୋକାନ ସରକାରୀ ଜାଗାରେ ତିଆରି ହୋଇଥିଲା। ପ୍ରଶାସନ ପକ୍ଷରୁ ତାହାକୁ ଉଚ୍ଛେଦ ପାଇଁ ଦୋକାନ ମାଲିକମାନଙ୍କୁ ୨ ଥର ନୋଟିସ ଜାରି କରାଯାଇଥିଲା। ଉଚ୍ଛେଦ ସମୟରେ ବିଶୃଙ୍ଖଳା ଉପୁଜିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ଲଇକେରା ତହସିଲଦାର ସଞ୍ଜୀବ କୁଲୁ, ଅତିରିକ୍ତ ତହସିଲଦାର ଘନଶ୍ୟାମ ମୁଣ୍ଡା, ଥାନାଧିକାରୀ ଦିଲୀପ ବେହେରା ଓ ରାଜସ୍ୱ ନିରୀକ୍ଷକ ଜନ୍ମେଜୟ ମିଶ୍ର ଉପସ୍ଥିତ ଥିଲେ।



ଜେସିବି ସହାୟତାରେ ଦୋକାନ ଉଚ୍ଛେଦ କରାଯାଉଛି।

## ଚେକ୍ ବାଉନ୍ସ ମାମଲା, ଅଭିଯୁକ୍ତଙ୍କୁ ୬ ମାସ ଜେଲଦଣ୍ଡ

ଦେବଗଡ଼, ୬।୫(ଶଶାଙ୍କ ଶେଖର ଝାଙ୍କର)

୨୦୧୯ ମସିହାରେ ହୋଇଥିବା ଏକ ଚେକ୍ ବାଉନ୍ସ ମାଲାର ବିଚାରକରି ଏସ୍‌ଡିଜେଏମ୍ ଧନଞ୍ଜୟ ନାୟକ ଜଣେ ଅଭିଯୁକ୍ତଙ୍କୁ ୬ ମାସ ଜେଲ୍ ଦଣ୍ଡାଦେଶ ସହିତ ଅଭିଯୋଗକାରୀଙ୍କୁ ୧୬ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜରିମାନା ଅନାଦେୟ ଆଉ ଏକମାସ ଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦେବଗଡ଼ ପୌରାଞ୍ଚଳ ତଆଁଳାସାହିର ଦୀପକ କୁମାର ଦାସ ନାମକ ଠିକାଦାର ଓ ରିଆମାଳ ବ୍ଲକ ଅନ୍ତର୍ଗତ ସିଆରିମାଳିଆ ଗ୍ରାମର ଦୋଳଗୋବିନ୍ଦ ପ୍ରଧାନଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା। ୨୦୧୯ ଅକ୍ଟୋବର ୨ରେ ଦୀପକ ଦୋଳଗୋବିନ୍ଦଙ୍କଠାରୁ ୧୫ ଲକ୍ଷ ଟଙ୍କା ଧାର ନେବା ସହିତ ୨ମାସ ମଧ୍ୟରେ ପରିଶୋଧ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦୀପକ ୨୦୧୯ ଡିସେମ୍ବର ୧୧ରେ ଉପରୋକ୍ତ ଅର୍ଥ ଫେରସ୍ତ ଉଦ୍ଦେଶ୍ୟରେ ଦୋଳଗୋବିନ୍ଦଙ୍କ ନାମରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ୧୫ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଦୋଳଗୋବିନ୍ଦ ଡିସେମ୍ବର ୨୩ରେ ଉକ୍ତ ଚେକ୍‌କୁ ବ୍ୟାଙ୍କରେ ଜମା କରିଥିଲେ। ହେଲେ ଦୀପକଙ୍କ ଆକାଉଣ୍ଟରେ ଏହି ପରିମାଣର ଅର୍ଥ ନ ଥିବାରୁ ଚେକ୍‌ଟି ବାଉନ୍ସ ହୋଇଯାଇଥିଲା। ଫଳରେ ଦୋଳଗୋବିନ୍ଦ ତାଙ୍କ ଓକିଲଙ୍କ ଜରିଆରେ ଦୀପକଙ୍କୁ ଏକ ନୋଟିସ ଜାରି କରିଥିଲେ। ନୋଟିସ ପାଇବାର ୧୫ ଦିନ ମଧ୍ୟରେ ଦୋଳଗୋବିନ୍ଦଙ୍କୁ ତାଙ୍କ ଅର୍ଥ ଫେରସ୍ତ ପାଇଁ ଅନୁରୋଧ କରିଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଦୋଳଗୋବିନ୍ଦ ୨୦୨୦ ଫେବୃଆରୀ ୧୮ରେ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ କମ୍ପ୍ଲେନ୍ କେସ୍ ରୁଜୁ କରିଥିଲେ। ଅଦାଲତ ଉଭୟ ପକ୍ଷର ସାକ୍ଷୀଙ୍କ ବୟାନ, ଦାଖଲ କରାଯାଇଥିବା ପ୍ରମାଣ ଓ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତିକରି ଅଭିଯୁକ୍ତ ଦୀପକଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ଗୁରୁ, ସିଦ୍ଧେଶ୍ୱର ଗୁରୁ ଓ ବିଜ୍ଞା ବିନମ୍ରତା ଦ୍ୱିବେଦୀ ମାମଲା ପରିଚାଳନା କରିଥିଲେ।

## ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଦେବଗଡ଼, ୬।୫(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ତାଳକୁଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ କରଡ଼ାପାଳ ଗ୍ରାମରେ ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଦେବଗଡ଼ ଜିଲା ପ୍ରଶାସନ ଆନୁକୂଲ୍ୟରେ ଟାଟା ନୋଭାଲର ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ହକି ଖେଳାଳି ରୋଶନ ମିଞ୍ଜ, ସମ୍ମାନିତ ଅତିଥି ଭାବେ ଜିଲା ଜରୁରିକାଳୀନ ଅଧିକାରୀ ହେମନ୍ତ ସିଂ, ଜିଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ, ନିଜାରତ ଅଧିକାରୀ ଈଶ୍ୱର ଗୁରୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ। ତୃଣମୂଳ ସ୍ତରରୁ ହକି ଖେଳାଳି ଚିହ୍ନଟ ଏବଂ ହକି ଖେଳର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଶିବିର ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶିବିରରେ କରଡ଼ାପାଳ ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ହକି ଖେଳାଳି ଅଂଶଗ୍ରହଣ କରିବେ। ସେହିପରି ଆସନ୍ତା ୧୦ ତାରିଖରେ ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଫୁଟ୍‌ବଲ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଥିବା ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ନାୟକ ସୂଚନା ଦେଇଛନ୍ତି।




ପ୍ରଶିକ୍ଷଣ ଶିବିରରେ ଅତିଥି ଓ ଅନ୍ୟମାନେ।

**BRAHMAPUR DEVELOPMENT AUTHORITY**
Near Courtpeta Junction, Brahmapur, Odisha-760004
☎ 0680 2292797(O), 0680-2292033(F)
bda.brahmapur311@gmail.com www.bdabrahmapur.in
**No.153/BeDA, Brahmapur, dated 28.04.2025**

**PUBLIC NOTICE**

**No.CAD-316** : In exercise of the power conferred under Section-14 sub section (3) of ODA Act, 1982, I am through this public notice bring attention of the general public that the modification of CDP Brahmapur is to be carried out in respect of Plot No. 1478,1477, 1475/1754, 1479, 1479/3732, 1479/3442, 1479/3747, 1479/3636 and 1479/3693, Khata No.597, 742/2376, 742/2105,742/1633, 742/2120,742/1913 and 742/3138, an area of Ac.0.572 of Mouza Gopabandhunagar, which is coming under Green Belt use zone as per CDP to be modified to residential use zone. The land owner Sri Sarat Chandra Panigrahi & others, all are at New Street, Po/Ps: Gosaninuagoan, Brahmapur appealed before the Hon'ble Appellate Court of R.D.C.(SD) Brahmapur vide ODA appeal Case No.2/2022 for change of land use zone from "Green belt" use zone to "Residential zone". After proper hearing, the Hon'ble Appellate Court passed an order on 30.6.2023 stating that "at the first instance move a proposal under Section 14(2) of ODA Act to Govt. in H&UD Department with adequate justification for necessary change in classification".

For such modification, objections and suggestions are invited from general public which shall be filed within 60 (sixty) days from the date of publication of this notice in the local news paper or in our official website www.bdabrahmapur.in. whichever is later. Any person desires to see the modification can visit the office of BEDA Brahmapur during office hours in any working days. Any objections filed beyond sixty days shall not be entertained.

By order of Vice-Chairman
Sd./- Secretary
BeDA Brahmapur
OIPR-13086/11/0005/2526

**OFFICE OF THE DIVISIONAL FOREST OFFICER, DHENKANAL DIVISION**
Tele Fax No-06762226717, e-mail Id - dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2025-26 OF DHENKANAL DIVISION**

**No.MM-23** : THE RE-TENDER FOR SUPPLY OF ANIMAL FEED ITEMS TO KAPILASH ZOO FOR THE YEAR 2025-26 IS INVITED FROM INTENDING PERSONS /FIRMS. THE TENDER WILL BE RECEIVED TILL **1.00 P.M. OF 15.05.2025** BY POST AND TO BE OPENED ON **DT.17.05.2025 AT 9:00A.M** IN DIVISIONAL FOREST OFFICE, DHENKANAL. FOR DETAIL PARTICULARS, THE UNDERSIGNED MAY BE CONTACTED DURING OFFICE HOURS.

Sd./- Divisional Forest Officer
Dhenkanal Division
OIPR-08037/11/0017/2526

**PANCHAYAT SAMITI,**
**RARUAN, DIST-MAYURBHANJ (Odisha) PIN-757035**
**Adv No-01/2025-26**

**Tender Call Notice**

**No.i-72** : Sealed tenders (Percentage rate) are invited for 07 no's of works from the interested "C"/"D" Class Contractors registered with the Govt. for execution of civil works under Panchayat Samiti, Raruan, Dist- Mayurbhanj. The details notification is available at official website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Raruan, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 19.05.2025** through Regd/Speed post and the same will be opened on **10.00 A.M. of 20.05.2025**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer,
Raruan, Mayurbhanj
OIPR-19311/11/0002/2526

Forest Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER**
**JHARSUGUDA FOREST DIVISION**
Email - dfo.jharsuguda@odisha.gov.in, Ph. - 06645-295040
**Tender Notification No.99 1F(Acct)/Date 03.05.2025**
No.MM-26

| Sl. No. | Name of the work | : | Supply and delivery tall tree seedlings of selected tree species (in 25 cm x 25 cm polybags with an average height of 10 ft or above) |
|---|---|---|---|
| 1 | Estimated Cost | : | Depending upon funds availability & requirement of seedling at site |
| 2 | Period & time of Completion | : | 15 days from the date of issue of orders or before 1st July 2025 |
| 3 | Location of Plantation | : | Across Jharsuguda Forest Division |
| 4 | Date & time of availability of the bid document in the portal | : | 05.05.2025 to 16.05.2025 |
| 5 | Last date/Time for receipt of bids in the portal | : | Up to 5.00 P.M. of 16.05.2025 |
| 6 | Date & Time of bid opening | : | 10.30 hours on Dated. 17.05.2025 |
